ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.178 Bhubaneswar Thursday September 01 2022 | ୨୫ତମ ବର୍ଷ ସଂଖ୍ୟା–୧୭୮ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୦୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## କୁଆଖାଇ ନଦୀରେ ବୁଡିଗଲେ ୨ ନାବାଳକ



ଭୁବନେଶ୍ୱର, ୩୧ ।୮(ପି.ଏନ): କୁଆଖାଇ ନଦୀରେ ଗାଧୋଉଥିବା ବେଳେ ଜଣ ନାବାଳକ ବୁଡ଼ିଯାଇଛନ୍ତି। କଟକର ପ୍ରତାପନଗରୀ କୁଆଖାଇ ବ୍ରିଜ ତଳେ ଗାଧୋଉଥିବା ବେଳେ ଏହି ଅଘଟଣ ଘଟିଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଉ ଜଣଙ୍କ ସନ୍ଧାନ ବିଳମ୍ବିତ ସଂଧ୍ୟା ସୁଦ୍ଧା ମିଳିପାରିନଥିଲା ।ଖବର ପାଇ ଘଟଣାସ୍ଥଳରେ ପହଂଚି ସଦର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ସୂଚନା ଅନୁସାରେ ଭୁବନେଶ୍ୱର ପଟିଆ ଅଂଚଳର ପାଂଚ ଜଣ ଛାତ୍ର ସ୍କୁଲ ଯିବାକୁ କହି ୨ ଟି ସ୍କୁଟିରେ ଗାଧୋଇବା ପାଇଁ କୁଆଖାଇ ବ୍ରିଜ୍ ତଳକୁ ଯାଇଥିଲେ । ହେଲେ ସେଠାରେ ପାଣିର ସ୍ରୋତ ଅଧିକ ଥିବାରୁ ୩ ଜଣ ଭାସି ଯାଇଥିଲେ ।ଜଣଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରିଥିବା ବେଳେ ୨ ଜଣ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲା। ପାଣି ଗୋଳିଆ ଥିବାରୁ ସର୍ଚ୍ଚ ଅପରେସନ୍ ରେ ବାଧା ସୃଷ୍ଟି ହୋଇଥିଲା। ତେବେ ଅପରାହ୍ନରେ ଆଶୁତୋଷ ପାଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏବେ ବି ରୀତି ରଂଜନ ମାଝୀ ନିଖୋଜ ଅଛନ୍ତି। ଏହି ଅଘଟଣକୁ ତିନି ଜଣ ରକ୍ଷା ପାଇଯାଇଛନ୍ତି । ବର୍ତମାନ ସେମାନଙ୍କୁ ପଚରାଉଚରା କରୁଛି ପୋଲିସ୍। ସମସ୍ତ ପିଲା ପଟିଆ ଅଂଚଳର ହୋଇଥିବା ବେଳେ ସେମାନଙ୍କ ବୟସରୁ ୧୩ ରୁ ୧୪ ବର୍ଷ । ଅନ୍ୟପକ୍ଷରେ ଅଗ୍ନିଶମ ବାହିନୀ ସର୍ଚ୍ଚ ଅପରେସନ୍ ଜାରି ରଖିଛି।






ସତ୍ୟମେବ ଜୟତେ

## ନୂଆଁଖାଇ–୨୦୨୨ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ, ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-36
15001/13/0120/2223





ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଜୁହାର

ନୂଆଁଖାଇ ଅବସରରେ ଆପଣମାନଙ୍କୁ ସମସ୍ତଙ୍କେ ମୋର ଜୁହାର । ମା' ସମଲେଶ୍ୱରୀ ସମସ୍ତଙ୍କେ ଭଲ୍‌ରେ ରଖୁନ୍ । ଏତ୍‌କି ପ୍ରାର୍ଥନା ।

(ନବୀନ ପଟ୍ଟନାୟକ)

DADLS-36
15001/13/0120/2223





## 'ନୂଆଁଖାଇ' ଅବସରରେ ବାର୍ତ୍ତା

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଏ କୃଷିଭିତ୍ତିକ ଗଣପର୍ବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ମା'ସମଲେଶ୍ୱରୀଙ୍କ ଅପାର କରୁଣାରୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-36
15001/13/0120/2223


## ସେବାଶ୍ରମରେ ଥମୁନି ଶିଶୁ ମୃତ୍ୟୁ

ମାଲକାନଗିରି,୩୧ ।୮(ପି.ଏନ): ମାଲକାନଗିରି ପଡ଼ିଆ ବ୍ଲକ କାଲଦାପଲ୍ଲୀ ପଚାଂୟତ କୋଲାଗଣ୍ଡା ସେବାଶ୍ରମରେ ଦୁଇ ଦିନରେ ୨ ଛାତ୍ରଙ୍କ ମୃତ୍ୟୁ ସହ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା । ଗୋଡ଼ ହାତ ଫୁଲିଯିବା ସହିତ ଜ୍ୱରରେ ପୀଡିତ ହୋଇ ପ୍ରାଣ ହରାଉଛନ୍ତି ଛାତ୍ର । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଛାତ୍ରଛାତ୍ରୀ ଚିକିତ୍ସିତ ହେଉଥିବା ବେଳେ ୩ ଜଣଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମାଲକାନଗିରି ଡାକ୍ତରଖାନାରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ମୃତ ଛାତ୍ରଙ୍କ ଲକ୍ଷଣ ସହ ଆକ୍ରାନ୍ତ ଛାତ୍ରଙ୍କ ପାଖରେ ମଧ ସେହି ସମାନ ଲକ୍ଷଣ ଦେଖିବାକୁ ମିଳିଛି ।




ପବିତ୍ର ନୂଆଁଖାଇ ଉପଲକ୍ଷେ ଯାଜପୁର ଜିଲ୍ଲା ତଥା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀମତୀ ଇତିଶ୍ରୀ ଜେନା
ବିଶିଷ୍ଟ ସମାଜସେବୀକା ତଥା
ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା
ଭାରତୀୟ ଜନତା ପାର୍ଟି, ଓଡ଼ିଶା





## ବାର୍ତ୍ତା

ନୂଆଁଖାଇ ଉପଲକ୍ଷେ ବଡ଼ଚଣା–ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା–ଧର୍ମଶାଳା, ଯାଜପୁର, ଓଡ଼ିଶା


## ପୂଜା ପାଇଲେ ବିଘ୍ନ ବିନାଶକ

ଭୁବନେଶ୍ୱର, ୩୧ ।୮(ପି.ଏନ): ବିଘ୍ନ ବିନାଶକ ,ଅଗ୍ରପୂଜ୍ୟ ଜଗାନନ ଶ୍ରୀ ଗଣେଶଙ୍କ ପୂଜା ପାଇଁ ଉତ୍ସବ ମୁଖର ହୋଇଛି ଗାଁଠୁ ସହର। ଦୁଇ ବର୍ଷ ଧରି କରୋନା କଟକଣା ରହିଥିବାରୁ, ପୂଜା ଫିକା ପଡିଥିଲା । କିନ୍ତୁ ଚଳିତ ବର୍ଷ କରୋନା କଟକଣା ହଟିଯାଇଥିବାରୁ ଗଣେଶ ପୂଜା ବେଶ ଧୁମ ଧାମରେ ପାଳନ ହେଉଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ ସମେତ ବିଭିନ୍ନ ପୂଜା ମଣ୍ଡପରେ ଭିନ୍ନ ଭିନ୍ନ ରୂପରେ ପୂଜା ପାଉଛନ୍ତି ବିଘ୍ନ ବିନାଶକ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ , ବାଣିଜ୍ୟିକ ଅନୁଷ୍ଠାନ , କାର୍ଯ୍ୟାଳୟ , କ୍ଲବ୍ , ପୂଜା ମଣ୍ଡପ ଆଦିରେ ମଧ୍ୟ ଗଜାନନ ପୂଜା ପାଇଛନ୍ତି। କଟକଣା ହଟିଥିବାରୁ ରାଜଧାନୀ ସମେତ ବିଭିନ୍ନ ସହରରେ ସୁଉଚ୍ଚ ତୋରଣ ସହ ଆକର୍ଷଣୀୟ ପୂଜା ପେଣ୍ଡାଲ ଦେଖିବାକୁ ମିଳିଛି। ଯୁଆଡ଼େ ଦେଖିଲେ ସୁସଜ୍ଜିତ ରଙ୍ଗୀନ ତୋରଣ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମେଳାର ଆନନ୍ଦ ନେଉଛନ୍ତି ସହରବାସୀ। ରାଜଧାନୀ ଭୁବନେଶ୍ୱରର ଫରେଷ୍ଟ ପାର୍କ ଭିତରେ ବକୁଳ ଫାଉଣ୍ଡେସନ ନିଆରା ଢଙ୍ଗରେ ବିଘ୍ନ ବିନାଶକଙ୍କୁ ପୂଜା କରିଛି। ଯେଉଁଠି ଗୋଟିଏ ସୁବିଶାଳ ଗଛରେ ଅଙ୍କିତ ହୋଇଛି ଭଗବାନ ଗଣେଶଙ୍କ ଗଜମୁଖ। ଯାହାଙ୍କ ଦୁଇପଟ କର୍ଣ୍ଣକୁ ଦୁଇଟି କୁଲାରେ ପରିକଳ୍ପନା କରାଯାଇଛି। ଖଡିରେ ଅଙ୍କାଯାଇଛି ଏକଦନ୍ତଙ୍କ ସ୍ୱରୂପ।ଏହା ବ୍ୟତୀତ ସହୀଦ ନଗର , ବଡଗଡ , କଳ୍ପନା ଆଦି ସ୍ଥାନରେ ଗଣେଶଙ୍କ ବିଶାଳ ମୂର୍ତ୍ତି ପୂଜା ପାଉଛନ୍ତି ।ଅପରପକ୍ଷରେ କୋଭିଡ୍ କଟକଣା ଯୋଗୁଁ ସ୍କୁଲ କଲେଜ ଯାଇ ପାରିନଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଜି ଗଣେଶ ପୂଜାକୁ ନେଇ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।




ପବିତ୍ର ନୂଆଁଖାଇ ଉପଲକ୍ଷେ ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀଯୁକ୍ତ ଚନ୍ଦ୍ରମଣି ସାମଲ
ବିଶିଷ୍ଟ ସମାଜସେବୀ ତଥା ସାଧାରଣ ସମ୍ପାଦକ
ବରିଷ୍ଠ ନାଗରିକ ମଞ୍ଚ,
ବ୍ୟାସନଗର, ଯାଜପୁର








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣମାର ନାଁ ପଣ୍ଡୁ ପୂର୍ଣ୍ଣମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟେଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ


ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।



କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ପର୍ଯ୍ୟବେକ୍ଷକ ମହାନଗର


# ଆମ କ୍ରୀଡା ଦିବସ

**ଅକ୍ଷୟ କୁମାର ରାଉତ**



ପ୍ରକୃତିର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟକ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହିସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ, ଯୁଗେ ଯୁଗେ ପ୍ରକୃତିର ଶାନ୍ତକାନ୍ତ କମନୀୟ ରୂପମାଧୁରୀ କବି, ଦାର୍ଶନିକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମବ୍ୟସ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ୍ତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ୍ତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶ ଗ୍ରହଣ କରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତ୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ, ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁ ଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିକ୍ଷା, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଅନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିକୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଛନ୍ତି। ମନୁଷ୍ୟର ଶାରୀରିକ, ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ୍ତ କ୍ରୀଡା ଆବଶ୍ୟକ ଜରୁରୀ ହୋଇପଡିଛି।

ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାରଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେଉଁପ୍ରକାର କ୍ରୀଡା ଅଛି ସେସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟବଲ, ଭଲିବଲ,




କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତ୍ତିତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତ୍ତି ଭୁଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି। ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନୋନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ।

କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲିମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରିବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲିମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତ୍ତା ସୃଷ୍ଟି କରୁଥିଲା। ଅଲିମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକତା ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ। ଅଲିମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁ ନ ଥିଲା।

କିନ୍ତୁ ସମୟକ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲିମ୍ପିକ୍ କ୍ରୀଡାରେ ଅଂଶଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତା'ର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲିମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।

ଅଲିମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି। ଯଥା- ଏସିଆଡ଼, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଣ୍ଡ ପ୍ରିକ୍ସ, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍ଡ ସିଲ୍ଡ, ଓ୍ୱାଇଟ୍ ମ୍ୟାନ୍ କପ୍, ଏଫ.ଏ. କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ. ସିଲ୍ଡ, ବିଜୟଲକ୍ଷ୍ମୀ କ୍ଲବ୍ ଓ୍ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।

କ୍ରୀଡାବିତ୍, କ୍ରୀଡାପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳିମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜ୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଯେ ଦେଶର ହିତ ହୋଇଥାଏ ତା' ନୁହେଁ; ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭ୍ରାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

*-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.ନଂ.- ୯୯୩୭୬୯୧୪୭୫*

# ମାଗଣା ବିଦ୍ୟୁତ



ଦେଶରେ ଭୋଟଦାତାମାନଙ୍କୁ ପ୍ରଲୋଭିତ କରି କ୍ଷମତା ଦଖଲ କରିବା ପାଇଁ ନିର୍ବାଚନ ସମୟରେ ରାଜନୈତିକ ଦଳମାନଙ୍କର ମାଗଣା ସାମଗ୍ରୀ ବଂଟନ ପ୍ରତିଶ୍ରୁତି ଯୋଜନାକୁ ନେଇ ବିତର୍କ ଲାଗି ରହିଥିବାବେଳେ ଏବେ ବିଦ୍ୟୁତ ଶୁଳ୍କ ଛାଡ ଘୋଷଣା ବିଦ୍ୟୁତ କମ୍ପାନୀଗୁଡିକ ପାଇଁ ଭବିଷ୍ୟତରେ ଗୁରୁତର ଆର୍ଥିକ ସଂକଟର କାରଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ବିଦ୍ୟୁତ ପରିବହନଜନିତ କ୍ଷତି ବଢିଚାଲିଥିବା ବେଳେ ହଜାର ହଜାର କୋଟି ଟଙ୍କା କ୍ଷତିଯୋଗୁଁ କମ୍ପାନୀଗୁଡିକ ଗୁରୁତର ସଂକଟର ସମ୍ମୁଖୀନ। ଦେଶରେ ବିଦ୍ୟୁତ ଉତ୍ପାଦନ, ପରିବହନ ଏବଂ ବିତରଣକୁ ସୁବ୍ୟବସ୍ଥିତ କରିବା ପାଇଁ ୯୦ ଦଶକରୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସତ୍ତ୍ୱେ ସେଥିରୁ କୌଣସି ସୁଫଳ ମିଳୁ ନ ଥିବା କୁହାଯାଏ। ଗତ ସପ୍ତାହରେ ଜାତୀୟ ଗ୍ରୀଡ୍ ଅପରେଟର ପାଓ୍ୱାର ସିଷ୍ଟମ ଅପରେସନ କର୍ପୋରେସନ (ପୋସ୍କୋ) ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୨୭ଟି ବିଦ୍ୟୁତ ବଂଟନକାରୀ କମ୍ପାନୀ ଉପରେ ପାଓ୍ୱାର ଜେନେରେଟିଂ କମ୍ପାନୀଗୁଡିକ ଉପରେ ବ୍ୟାପକ ବକେୟା ଥିବାରୁ ବିଦ୍ୟୁତ କ୍ରୟ ଓ ବିକ୍ରୟ ସୀମିତ କରିବାକୁ ୩ଟି ପାଓ୍ୱାର ଏକ୍ସଚେଞ୍ଜକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଇଲେକ୍ଟ୍ରିସିଟି (ଲେଟ ପେମେଂଟ ସରଚାର୍ଜ ଆଣ୍ଡ ରିଲେଟେଡ୍ ମ୍ୟାଟରର୍ସ) ରୁଲ-୨୦୨୨ ଅନୁଯାୟୀ ନିଆଯାଇଛି। ଇତିମଧ୍ୟରେ ବହୁ ରାଜ୍ୟ ସେମାନଙ୍କର ବକେୟା ପରିଶୋଧ କରିଥିବା କୁହାଯାଇଛି। ତେବେ ଏଥିରୁ ବିଦ୍ୟୁତ ବଂଟନକାରୀ କମ୍ପାନୀ (ଡିସ୍‌କମସ) ଗୁଡିକରେ ଆର୍ଥିକ ଦୁରବସ୍ଥା କେତେ ଯେ ଗମ୍ଭୀର, ତାହା ସ୍ମରଣ କରାଇଦେଇଛି। ଏହା ନିଶ୍ଚିତ ଯେ, ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଂଟନ ମଧ୍ୟରେ ବଂଟନ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ସବୁଠୁ ଦୁର୍ବଳ। ବିଦ୍ୟୁତ ବଂଟନ କ୍ଷେତ୍ରରେ କ୍ଷତି ବଢିଚାଲିଥିବାବେଳେ ପାଓ୍ୱାର ଜେନେରେଟିଂ କମ୍ପାନୀ(ଜେନ୍‌କସ୍)ଗୁଡିକର ବକେୟା ବିଦ୍ୟୁତ ବଂଟନକାରୀ କମ୍ପାନୀ(ଡିସକସ୍)ମାନଙ୍କ ଉପରେ ବଢିଚାଲିଛି। ଯାହାର ପରିଣତିସ୍ୱରୁପ କୋଇଲା ଖଣିଗୁଡିକୁ ଦେୟ ପ୍ରଦାନରେ ବିଳମ୍ବ ଘଟୁଥିବା କୁହାଯାଏ। ଯାହାର ପ୍ରଭାବ ସିଧାସଳଖ ଭାବେ ସମଗ୍ର ପାଓ୍ୱାର ସେକ୍ଟରର ସ୍ଥିରତା ଉପରେ ପଡୁଛି ବୋଲି କୁହାଯାଇପାରେ। ରାଜ୍ୟ ଡିସକମସ ତଥା ବିଦ୍ୟୁତ ବଂଟନକାରୀ କମ୍ପାନୀଗୁଡିକର ଆର୍ଥିକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଥିବା ଆଶାଠାରୁ କମ୍ ସୁଫଳ ମିଳିଛି। ପ୍ରତ୍ୟେକ ଥର ଆର୍ଥିକ ସହାୟତା ବଢିଚାଲିଛି। ୨୦୦୦ ମସିହା ପ୍ରାରମ୍ଭରେ ରାଜ୍ୟ ବିଦ୍ୟୁତ ବୋର୍ଡଗୁଡିକୁ ୪୧,୫୦୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦିଆଯାଇଥିବାବେଳେ ୨୦୧୨ରେ ଏହା ୧୨ଲକ୍ଷ କୋଟି ଥିଲା। ସେହିପରି ୨୦୧୫ରେ ଉଦୟ ଯୋଜନାରେ ପ୍ୟାକେଜ ପରିମାଣ ୨କୋଟି ଥିଲା। ସେହିପରି ୨୦୨୦ରେ ପାଓ୍ୱାର ଫାଇନାନ୍ସ କର୍ପୋରେଟସନ ଏବଂ ଗ୍ରାମାଚଂଳ ବିଦ୍ୟୁତକରଣ କର୍ପୋରେସନ ୧.୩୫ ଲକ୍ଷ କୋଟି ଟଙ୍କା ଋଣ ମଂଜୁର କରିଥିଲେ। ସେହିପରି ୨୦୨୨ରେ ଆଉ ଏକ ପ୍ୟାକେଜ ଘୋଷଣା କରାଯାଇଛି। ନିକଟରେ ଡିସକମ୍‌ସଗୁଡିକର ବିଦ୍ୟୁତ କ୍ରୟ ଦେୟ ପରିଶୋଧ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୪.୩୨ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଅନୁଦାନ କରିଛି। ଯାହାକି ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମାଚଂଳ ବିକାଶ କ୍ଷେତ୍ରରେ ବ୍ୟୟଠାରୁ ଅଧିକ। ଏଥିରୁ ଦେଶରେ ଡିସକମ୍‌ସଗୁଡିକର ଆର୍ଥିକ ଅବସ୍ଥା କେତେ ଗୁରୁତର ତାହା ସ୍ପଷ୍ଟ ଅନୁମେୟ। ଏହା ନିଶ୍ଚିତ ଯେ, ଡିସକମ୍‌ସଗୁଡିକର କ୍ଷତିର ମୂଳ କାରଣ ହେଉଛି ବିଦ୍ୟୁତ ଚୋରୀ। ଯାହାକୁ ଏପର୍ଯ୍ୟନ୍ତ କମ୍ପାନୀ ରୋକିପାରିନାହିଁ। ତେବେ ଡିସକମ୍‌ସଗୁଡିକର ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ସମୟ ଭିତିରେ ନିୟମିତ ଶୁଳ୍କ ବୃଦ୍ଧିର ଆବଶ୍ୟକତା ରହିଛି। ଯାହାକୁ ରାଜନୈତିକ ଦଳମାନେ ବିରୋଧ କରି ଆସୁଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଫାଇଦା ପାଇଁ ରାଜନୈତିକ ଦଳଗୁଡିକ ବିଦ୍ୟୁତ ଶୁଳ୍କ ଛାଡ କରିବାରେ ଲାଗିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ କରିଛି। ସେହିପରି ଆଗକୁ ହେଉଥିବା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆମ ଆଦ୍‌ମୀ ପାର୍ଟି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଛାଡ ପ୍ରତିଶ୍ରୁତି ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମାଗଣା ସଂସ୍କୃତିକୁ ରେଭଡି ବୋଲି କହିଥିବା ବେଳେ ଆମ ଆଦମୀ ପାର୍ଟି ଏହାକୁ ସମାଲୋଚନା କରିଛି। ଏହା ନିଶ୍ଚିତ ଯେ, ମାଗଣା ବିଦ୍ୟୁତ ସଂସ୍କୃତିରେ ଦେଶରେ ବିଦ୍ୟୁତ କ୍ଷେତ୍ର ବିପର୍ଯ୍ୟସ୍ତ ହେବା ଆଶଙ୍କାକୁ ଏଡାଇଦେଇ ହେଉନାହିଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ- ୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଗାଡ଼ି ପାର୍କିଂର ମହାଘୋଟାଲା ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କିଂ ମହାଘୋଟାଲାର କ୍ରାଇମବ୍ରାଞ୍ଚ ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍‌ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ (ୟୁନିଟ୍-୨) ଓ ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟାଣ୍ଟିନ ଓ ମାଷ୍ଟର କ୍ୟାଣ୍ଟିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କିଂ ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିନ୍ନରମାନଙ୍କୁ ନିୟୋଜିତ ନକରି କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିୟୋଜିତ କରି ବିଏମ୍‌ସି ଚିହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖୁଥିବା ବ୍ୟକ୍ତିମାନଙ୍କଠାରୁ ଟିକେଟ ନଦେଇ ଅସାଧୁ ଉପାୟରେ ଅର୍ଥ ଆଦାୟ କରିବା ଓ କିଛି ଲୋକଙ୍କୁ ଟିକେଟ ଦେଇ ଟିକେଟର ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରିଥାନ୍ତି। ଯାହାକି ସାଧାରଣ ଲୋକଙ୍କ ମନରେ କିନ୍ନର ସମାଜ ପ୍ରତି ଘୃଣା ମନୋଭବ ଜାଗ୍ରତ ହୋଇଥାଏ। କିନ୍ତୁ ବଡ଼ ଦୁଃଖର ବିଷୟ, ବିଏମ୍‌ସିର ଅଧିକାରୀ ଓ କିନ୍ନର ଟିଜି ସ୍ୱୀକୃତି ଓ ପରିଚୟ ଯେଉଁ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ କେଉଁ ଆଧାରରେ ସାଇକେଲ ଷ୍ଟାଣ୍ଡର ଦାୟିତ୍ୱ ଦିଆଯାଇଥିଲା ତାହା ତଦନ୍ତସାପେକ୍ଷ? ଅନ୍ୟ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ନ ଡ଼ାକି କାହିଁକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ନରମାନଙ୍କୁ ଦାୟିତ୍ୱ ଦେଇଥିଲେ ତାହା ବୁଝାପଡୁନାହିଁ। ଯାହାର ଫାଇଦା ନେଇ ଏହି ଏସ୍‌ଏଚ୍‌ଜିମାନେ ବେଆଇନ ଭାବେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବେ ନଜରକୁ ଆସିଛି। ଖାଲି ସେତିକି ନୁହେଁ, ବିନା କାରଣରେ ସାମ୍ବାଦିକ ତଥା ଲେଖକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇବାକୁ ଧମକାଇବା, ଷ୍ଟାଣ୍ଡରେ ବିନା କାରଣରେ ସାଧାରଣ ଲୋକଙ୍କୁ ମାଡ଼ ମାରିବା, ଦୁଇ ତିନିଜଣ ସାମ୍ବାଦିକଙ୍କୁ ଧମକ ଦେବା ଭଳି ଅନେକ ଅନୈତିକ କାର୍ଯ୍ୟରେ ଏହି କିନ୍ନରମାନେ ଲିପ୍ତ ଅଛନ୍ତି। ଯେଉଁ ବାହାର ପିଲାମାନଙ୍କ ମାଧ୍ୟମରେ ସାଇକେଲ ଷ୍ଟାଣ୍ଡରେ ପଇସା ଆଦାୟ କରୁଥିଲେ, ସେମାନଙ୍କ ଦରମା ୧୨ ହଜାର ଥିବାବେଳେ ସେମାନଙ୍କୁ ୭ ହଜାର ଟଙ୍କା ଦେଇ ବାକି ପଇସାକୁ ନିଜେ ଆତ୍ମସାତ କରୁଥିଲେ। ଏତଦ୍‌ବ୍ୟତୀତ ସାଇକେଲ ଷ୍ଟାଣ୍ଡରୁ ମଧ୍ୟ ମାସିକ ପାଖାପାଖି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରୁଥିଲେ। ଆମ୍ଭର ଦାବିଗୁଡ଼ିକ ମଧ୍ୟରେ ମେଘନା ସାହୁ, ନିଲମ କିନ୍ନର ଓ ଟିଜି ସ୍ୱୀକୃତି ଏସ୍‌ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍‌ଏଚ୍‌ଜିଠାରୁ ଦୁଇଚକିଆ ଯାନ ପାର୍କିଂ ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରାଞ୍ଚ / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିଂରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ଦରମା ନଦେଇ ସେମାନଙ୍କ ଅର୍ଥକୁ ହଡ଼ପ କରିଥିବା ଟିଜି ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ, ଗାଡ଼ି ପାର୍କିଂ ନାମରେ ସାରା ଓଡ଼ିଶାରେ କିନ୍ନରମାନଙ୍କୁ ବଦନାମ କରିଥିବା କିନ୍ନର ଏସ୍‌ଏଚ୍‌ଜିମାନଙ୍କ ବିରୋଧରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଯାଉ। ଗତକାଲିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ। ଏଥିରେ ସୋନମ କିନ୍ନର, ପୂଜା କିନ୍ନର, ମିଠି କିନ୍ନର, ଶ୍ରାବଣୀ କିନ୍ନର, ରୀନା କିନ୍ନର, ପାୟଲ କିନ୍ନର, ସୋନାଲି କିନ୍ନର, ଖୁସି କିନ୍ନର, ପଦ୍ମିନୀ କିନ୍ନର ପ୍ରମୁଖ ଧାରଣା ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟା ମହାନଗରପାଳ ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପାଞ୍ଚଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଏହି ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ୍ୟ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି।

# ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ଗତ ୨୯ ତାରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା। ଏଥିରେ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ତଥା ଉପସଭାପତି ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ଅଧ୍ୟକ୍ଷା ମହିଳା କମିଶନର ଡଃ. (ଶ୍ରୀମତୀ) ମିନତୀ ବେହେରା, ଉପାଧ୍ୟକ୍ଷ, ଅନ୍ତର୍ଜାତୀୟ ସମବାୟ ମତ୍ସ୍ୟ ସଂଗଠନ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, 'ସମାଜ'ର ମୁଦ୍ରାକାର ଓ ପ୍ରକାଶକ ଶ୍ରୀଯୁକ୍ତ ନିରଞ୍ଜନ ରଥ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଆଡଲ୍ଟ ରିସୋର୍ସ) ଅଶୋକ କୁମାର ରଥ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟସଭ୍ୟା ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ମିହିରରଞ୍ଜନ ପଟ୍ଟନାୟକଙ୍କ ଆଗତ ଦିବଂଗତ ସ୍କାଉଟ ଓ ଗାଇଡ୍ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶାବ୍ୟକ୍ତ କରିଥିଲେ। ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଆଗତ ପ୍ରସ୍ତାବଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ +୨ରେ ୧୯୨୧ଜଣ ନାମ ଲେଖାଇଲେ

ଧର୍ମଶାଳା (ପିଏନ୍): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଲେଜଗୁଡିକରେ ପ୍ରଥମ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଧର୍ମଶାଳା ବ୍ଲକର ୮ଗୋଟି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୪୫୨ ସିଟ ମଧ୍ୟରୁ ୨୧୯୬ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୯୨୧ଜଣ ନାମ ଲେଖାଇଛନ୍ତି। ବ୍ଲକର ୮ ଗୋଟି କଲେଜରେ କଳାରେ ୨୮୧, ବିଜ୍ଞାନରେ ୧୯୮ ଓ ବାଣିଜ୍ୟରେ ୫୨ ସିଟ୍ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବଳକା ରହିଛି। ଧର୍ମଶାଳା +୨ କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ୨୪୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୯ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୯୨ ସିଟ୍ ମଧ୍ୟରୁ ୧୯୦ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୩୭ଜଣ ଓ ବାଣିଜ୍ୟରେ ୬୪ଟି ସିଟ୍ ଥିବା ବେଳେ ୧୮ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୨ ଜଣ ନାମ ଲେଖାଇଛନ୍ତି। ବଜ୍ରଗିରି +୨ କଲେଜରେ କଳାରେ ୩୨୦ ସିଟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୩୧୩ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୨୮୮ ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୯୬ ସିଟ୍ ଥିବା ବେଳେ ୯୩ଜଣଙ୍କୁ ସୂଚନା ଦିଆଯାଇଥିଲା। ତେବେ ଶେଷ ତାରିଖ ସୁଦ୍ଧା ୮୫ଜଣ ନାମ ଲେଖାଇଛନ୍ତି। ଜଗନ୍ନାଥଜୀୟୁ +୨ କଲେଜରେ କଳାରେ ୨୫୬ ସିଟ୍ ଥିବା ବେଳେ ୨୫୫ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ୨୧୮ଜଣ ନାମ ଲେଖାଇଥିଲେ। ଧର୍ମଶାଳା ମହିଳା +୨ କଲେଜରେ ୧୨୮ ସିଟ ଥିବା ବେଳେ ୧୨୮ ଜଣଙ୍କୁ ନାମଲେଖା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୧୪ ଜଣ ନାମ ଲେଖାଇଛନ୍ତି। ଜେନାପୁର +୨ କଲେଜ କଳାରେ ୨୫୬ ସିଟ ଥିବା ବେଳେ ୨୫୫ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩୭ ଜଣ ନାମ ଲେଖାଇଛନ୍ତି। ରେନେସାଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୮ ସିଟ ଥିବାବେଳେ ନାମ ଲେଖାଇବା ପାଇଁ ୧୨୫ଜଣଙ୍କୁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣ ନାମ ଲେଖାଇଛନ୍ତି। ବିଜ୍ଞାନରେ ୧୬୦ ସିଟ ମଧ୍ୟରୁ ୧୬୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୯ ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର +୨ କଲେଜରେ କଳାରେ ୨୫୬ ସିଟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୫୬ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୩ଜଣ ବିଜ୍ଞାନରେ ୧୯୬ ସିଟ ଥିବା ବେଳେ ୧୪୬ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୩ଜଣ ନାମ ଲେଖାଇଛନ୍ତି। ସେହିପରି ଗୋକର୍ଣ୍ଣିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୮୦ ସିଟ୍ ଥିବାବେଳେ ୫୪ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୨ଜଣ ନାମ ଲେଖାଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

# ସେପ୍ଟେମ୍ବର ୨ରୁ ୪ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା

ବ୍ରହ୍ମପୁର (ପିଏନ୍): ସେପ୍ଟେମ୍ବର ୨, ୩ ଓ ୪ ତାରିଖ ତିନିଦିନ ଧରି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ଗୃହଠାରେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାରୁ ବିଭିନ୍ନ କ୍ୟାଟାଗୋରୀରୁ ୭୭ ଜଣ ମହିଳା ଓ ପୁରୁଷ ଭାରୋତ୍ତୋଳନକାରୀ ଭାଗ ନେବେ ବୋଲି ଗଞ୍ଜାମ ଜିଲ୍ଲା ଭାରୋତ୍ତୋଳନ ସଂଘର ରାଜ୍ୟ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ସଭାପତି କୁମୁଦ ସାହୁ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରସ୍ଥିତ ମହାମାୟୀ ବ୍ୟାୟାମ କେନ୍ଦ୍ରରୁ ୧୪ ଜଣ, ଶଙ୍କର ଫିଜିକାଲ କ୍ଲବରୁ ୧୩, ବାଲୁଙ୍କେଶ୍ୱର ବ୍ୟାୟାମ କେନ୍ଦ୍ରରୁ ୯, ବୀର ହନୁମାନ କ୍ଲବରୁ ୩୦, ଫ୍ରେଣ୍ଡସ୍ ବ୍ୟାୟାମ କେନ୍ଦ୍ରରୁ ୨, ସ୍ପୋର୍ଟସ୍ ହଷ୍ଟେଲରୁ ୯ ଜଣ, ଏହିପରି ମୋଟ ୭୭ ଜଣ ଭାଗ ନେଉଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଗଠନର ସାଧାରଣ ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ଦାଶ, ଜିଲ୍ଲା ସମ୍ପାଦକ ଗାଗାରିନ ନାୟକ, ଜିଲ୍ଲା ଉପଦେଷ୍ଟା ତଥା ସାମ୍ବାଦିକ ରବି ରଥ, କୋଚ୍ ଯଜ୍ଞନାରାୟଣ ନନ୍ଦ, ସୀତା ଜେନା, ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



# ମୋ ଗାଁ

## ଚଣ୍ଡିଖୋଲର ବିଭିନ୍ନ ସ୍ଥାନରେ ଗଣପତିଙ୍କ ପୂଜାର୍ଚ୍ଚନା



ଦର୍ପଣ,(ପିଏନ): ବୁଧବାର ଚଣ୍ଡିଖୋଲର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ,କ୍ଲବ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରଭୁ ଗଣପତିଙ୍କ ପୂଜା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। କୋଭିଡ ପାଇଁ ଦୀର୍ଘ ଦୁଇ ବର୍ଷ ହେବ ଗଣପତିଙ୍କ ପୂଜାଅର୍ଚ୍ଚନାରେ ସରକାର ରୋକ ଲଗାଇଥିଲେ କିନ୍ତୁ ଚଳିତ ବର୍ଷ କୋଭିଡ କଟକଣା ନଥିବାରୁ ଗଣପତିଙ୍କ ପୂଜାକୁ ସମସ୍ତେ ଭକ୍ତିର ସହ ପାଳନ କରିଥିଲେ। ବିଶେଷ କରି ବଡ଼ଚଣାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ପୂଜାକୁ ଆଡମ୍ବର ସହ ପାଳି ଥିଲେ। ବଡଚଣାର ଚଣ୍ଡିଖୋଲ ସ୍ଥିତ ଅସ୍ଥାୟୀ ବ୍ୟବସାୟୀ ସଂଘ ପକ୍ଷରୁ ଚଣ୍ଡିଖୋଲରେ ବିଘ୍ନରାଜଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ସଭାପତି ସମାଜସେବୀ ମହେଶ୍ୱର ବଳ ଓ ସମ୍ପାଦକ ସଞ୍ଜୟ ସ୍ୱାଇଁଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଏହି ପୂଜା କରାଯାଇଥିଲା। ସିହା ପଂଚାୟତର କୋଲହାସିଂ ଖରମଂଗୀ ଗଣେଶ ପୂଜା କମିଟି ପକ୍ଷରୁ ୨୨ ତମ ଗଣେଶ ପୂଜା ମହାସମାରୋହରେ ପାଳନ କରାଯାଇଥିଲା। କମିଟିର ସଭାପତି ରୋଶନ କୁମାର ସାହୁ,ଅଜିତ କୁମାର ସାହୁ , ଜଗନାଥ ସାହୁ,ସିପୁକାନ୍ତ ପୃଷ୍ଟି,ସାଗର କୁମାର ସାହୁ,ଜଳଧର ପୃଷ୍ଟି ପ୍ରମୁଖ ଏହି ପୂଜାରେ ପ୍ରମୁଖ ଭୂମିକା ନେଉଥିଲେ.ଚଣ୍ଡିଖୋଲ ଏକ୍ସପ୍ରେସ କଲୋନୀର କୁମାରସ କ୍ଲବ ପକ୍ଷରୁ ୩୧ ତମ ପୂଜା ସଭାପତି କୈଳାଶ ରାଓ, ସମ୍ପାଦକ ସୁନୀଲ କୁମାର ନାୟକ ଓ ସଭ୍ୟ ପ୍ରକାଶ କୁମାର ନାୟକ,ମନୋରଞ୍ଜନ ପରିଡା,ରଞ୍ଜନ ନାୟକ,ପ୍ରଦୀପ୍ତ ଦାସ ,ପ୍ରଦୀପ୍ତ କୁମାର ମହାନ୍ତି ,ନରୋତ୍ତମ ବଳ, ଦେବଦତ୍ତ ବଳିୟାରସିଂ ଓ ମନୋରଞ୍ଜନ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପ୍ରୟାସ କାର୍ଯ୍ୟାଳୟରେ ସମସ୍ତ ସଭ୍ୟ ଉପସ୍ଥିତ ରହି ଗଣପତିଙ୍କ ପୂଜା କରିଥିଲେ। ଗଣପତି ଜ୍ଞାନ ମନ୍ଦିର ଚାରିବାଟିଆଠାରେ ସମ୍ପାଦକ ପ୍ରଦୀପ୍ତ ପରିଡାଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପର୍ଣ ହେଇଥିଲା। ଦର୍ପଣ ତହସିଲ କାର୍ଯ୍ୟାଳୟରେ ସ୍ଥାୟି ଶ୍ରୀ ଗଣେଶଙ୍କ ପ୍ରତିମୁର୍ତି ନିକଟରେ କର୍ତା ଭାବେ ତହସିଲଦାର ପ୍ରଦୀପ୍ତ କୁମାର ସେଠୀଙ୍କ ଦ୍ୱାରା ସଂକଳ୍ପ କରାଯାଇ ପୂଜା କରାଯାଇଥିଲା। ସେହିପରି ଠେଙ୍ଗିଆ ମଠ ପରିସରରେ ଥିବା ଶ୍ରୀ ଗଣେଶଙ୍କ ମନ୍ଦିରରେ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହେଇଥିଲା। ମନ୍ଦିରର ପ୍ରତିଷ୍ଠତା ଶରତ କୁମାର ଦାସ ,ଶ୍ରୀମତୀ କଲ୍ୟାଣୀ ଦାସ ଯୋଗ ଦେଇଥିଲେ। ଚାରଣଗୋଷ୍ଠୀ ଓଡ଼ିଶାର ଅଧକ୍ଷ ଉଦୟନାଥ ସାହୁ ଓ ଅନ୍ୟ ଚାରଣ ଭକ୍ତ ମାନେ ଯୋଗଦେଇ ବିଷ୍ଣୁସହସ୍ର ନାମ ,ହନୁମାନ ଚାଳିଶା ପାଠ ଓ ପ୍ରଭୁ ଜଗନାଥଙ୍କ ଭଜନ କରାଯାଇଥିଲା।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ହିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍-ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ-ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ




ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଆଜି ଅପରାହ୍ନରେ ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡା.ରାଜଶ୍ରୀ ମଲ୍ଲିକ୍ କହିଲେ ଯେ, ସାରା ଦେଶରେ ଆଜି ପାରାଦୀପ ବନ୍ଦର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାକୁ ତାଳ ଦେଇ ପାରାଦୀପ ପୌର ପାଳିକା ମଧ ନିଜର ସୁନାମ ଅର୍ଜନ କରିଛି। ବିଭିନ୍ନ କ୍ଷେତ୍ରରେ ଏହି ପାରାଦୀପ ପେ?ରପାଳିକା ବେଶ୍ ଭଲ ପ୍ରଦର୍ଶନ କରୁଥିବାରୁ ସେ ଏହାକୁ ପ୍ରଶଂସା କରିଥିଲେ। ବିଧାୟକ ସମ୍ବିତ ରାଉତରାୟ କହିଲେ ଯେ, ଯେକୌଣସି ସହରର ହୃଦୟ ହେଉଛି ବସ୍ତି। ବସ୍ତିବାସିନ୍ଦାଙ୍କ ଭୂମିକା ସମସ୍ତଙ୍କ ଜୀବନରେ ବେଶ୍ ଗୁରତ୍ୱପୂର୍ଣ୍ଣ ରହିଛି। ଏଣୁ ସେମାନଙ୍କ ପାଇଁ ରାଜ୍ୟ ସରକାର ଏକାଧିକ ଯୋଜନା ପ୍ରସ୍ତୁତ କରିଛନ୍ତି। କେବଳ ସେତିକି ନୁହେଁ ମହିଳାମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଣୁ ଉଭୟ ବସ୍ତି ଓ ମହିଳାଙ୍କ ଉନ୍ନତିରେ ସହରର ବିକାଶ ସମ୍ଭବ ହୋଇପାରିବ। ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ନଗର ଉନ୍ନୟନ ଯୁଗ୍ମ ସଚ୍ଚିବ ସାରଦା ପ୍ରସାଦ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତଥା ପେ?ର ନିର୍ବାହୀ ଅଧିକାରୀ ଡ.କାହ୍ନୁ ଚରଣ ଧୀର, ପିପିଏଲ ମହାପ୍ରବନ୍ଧକ ଜଗନ୍ନାଥ ଖୁଣ୍ଟିଆ ଓ ଉପାଧକ୍ଷା ଛବିଳତା ରାଉତ ପ୍ରମୁଖ ପାରାଦୀପର ସଫେଇ ଓ ବିଭିନ୍ନ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ସମସ୍ତଙ୍କ ୱାର୍ଡ ସଫେଇ କାର୍ଯ୍ୟରେ ଭଲ ପ୍ରଦର୍ଶନ କରିଥିବା ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ପଲିଥିନ୍ ବ୍ୟବହାର ରୋକ୍ ଲଗାଇଥିବା ଓ ପରିସରକୁ ସ୍ୱଛ ରଖିଥିବା କେତେକ ବଜାର କମିଟିକୁ ମଧ ସମ୍ମାନିତ କରାଯାଇଥିଲା। ଆଜି ସକାଳୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭତ୍ତା ବଣ୍ଟନ, ବୃକ୍ଷରୋପଣ ଆଦି କରାଯାଇଥିଲା। ଏହାସହ ବେଳାଭୂମିରେ ସୁଉଚ୍ଚ ଖମ୍ବ ବିଶିଷ୍ଟ ଜାତୀୟ ପତାକା ସ୍ଥାପନ ପ୍ରକଳ୍ପ ସହ ଦୋଛକିରେ ପାରାଦୀପ ପେ?ରପାଳିକାର ସ୍ୱାଗତ ତୋରଣ, ବେଳାଭୂମି ଓ ମଧୁବନ ଷ୍ଟାଡିୟମରେ ମୁକ୍ତାକାଶ ବ୍ୟାୟମର ଶିଳାନ୍ୟାସ, ମଧୁବନରେ ମଣ୍ଡପ, ଗୋଷ୍ଠୀ ଗୃହ ଓ ଭ୍ରମଣ ପଥ, ବୃନ୍ଦାବନ କଲୋନିରେ କମ୍ୟୁନିଟି ସୁବିଧା କେନ୍ଦ୍ର ଓ ପାରାଦୀପ ପୌରାଞ୍ଚଳରେ ଗ୍ରୀନ୍ ଫିଲଡ୍ ରାସ୍ତା ଆଲୋକୀକରଣ ପ୍ରକଳ୍ପର ଉଦଘାଟିତ ହୋଇଯାଇଛି।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ□ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ□ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ□ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ□ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ□ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ□ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ□ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ□ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ□ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ□ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ□ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ□ ମିତା ମୁଣ୍ଡା, ପୂର୍ବତନ ସରପ□ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ□ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ□ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।’’

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ□ିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଞ୍ଚିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।


## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଡଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।




## ବିଡିଏର ଦୁଇଜଣ ଅଫିସର ଭୁବନେଶ୍ୱରରେ କୃତ୍ରିମ ବନ୍ୟା ପାଇଁ ଦାୟୀ

ଭୁବନେଶ୍ୱର (ପିଏନ୍)-ରାଜଧାନୀ ଭୁବନେଶ୍ୱରରେ ବେଙ୍ଗ ମୁତିଲେ ବନ୍ୟା ହେଉଛି। ଏହି ବନ୍ୟା ବିଡିଏକୃତ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। କୂଆଖାଇ, ଦୟା ନଦୀରେ ଯେତିକି ପାଣି ଭୁବନେଶ୍ୱରର ରାସ୍ତାଘାଟରେ ସେତିକି ପାଣି ଜମିଯାଉଛି। ଘରେ ଘରେ ପାଣି ପସୁଛି। ରାସ୍ତା ଘାଟରେ ଗାଡ଼ି ମୋଟର ଭାସୁଛି। ଏ ଭୁଲ ବିଡିଏର ବୋଲି ଭୁବନେଶ୍ୱରର ନବନିର୍ବାଚିତା ମେୟର ଗଣମାଧ୍ୟମରେ ମଧ୍ୟ ପ୍ରକାଶ କରିଛନ୍ତି। ବିଡିଏ କି ଭୁଲ କରିଛି ମେୟର ତାହା ମଧ୍ୟ ସ୍ପଷ୍ଟ ଭାବରେ ବୁଝାଇଛନ୍ତି। ୨୨ ବର୍ଷ ପୂର୍ବେ ଏ ସମସ୍ୟା ନଥିଲା। ନବୀନ ସରକାର ବିଡିଏକୁ ଖୋଲା ଛାଡ଼ିଦେବା ଫଳରେ ଗୃହ ନିର୍ମାଣ ପାଇଁ ବିଡ଼ିଏ ମନମୁଖି ଅନୁମତି ଦେଲା। ଭୁବନେଶ୍ୱରର ୧୦ରୁ ଉର୍ଦ୍ଧ୍ୱ ପ୍ରାକୃତିକ ଡ୍ରେନ ଉପରେ ଏବଂ ବିଭିନ୍ନ ଜାଗାରେ ଅନ୍ୟାନ୍ୟ ଡ୍ରେନ ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦେବା ଫଳରେ ଜଳ ନିଷ୍କାସନ ବନ୍ଦ ହୋଇଗଲା। ଯାହା ଫଳରେ କୃତିମ ବନ୍ୟା ସୃଷ୍ଟି ହୋଇ ଭୁବନେଶ୍ୱରରେ ଧନଜୀବନ ନଷ୍ଟ କରିବା ସହ ଭୁବନେଶ୍ୱରକୁ ଜଳାର୍ଣ୍ଣବ କଲା। ଏବେ ୭ ବର୍ଷ ଭିତରେ ଡ୍ରେନରେ ପଡ଼ି ୭ଜଣରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କଲେଣି। ଏଠାରେ ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରେ ଗୃହନିର୍ମାଣ ଅନୁମତି ମାତ୍ର ଦୁଇବର୍ଷ ହେବ ବିଏମସି ଦାୟୀତ୍ୱ ନେଇଛି।

ଯେଉଁ ଅଫିସରମାନେ ଏଠାରେ ୧୫ରୁ ୨୦ ବର୍ଷଧରି ଚକା ପକାଇ ବସିଥିଲେ, ସେଇମାନେ ହିଁ ଭୁବନେଶ୍ୱର ସହରକୁ ବିକୃତ କରିଦେଇଛନ୍ତି। ଏଠାରେ ଦାୟିତ୍ୱରେ ଥିବା ଅଣଓଡ଼ିଆ ଅଫିସରଙ୍କୁ ଭୁଲ ତଥ୍ୟ ଦେଇ ନିଜେ ଉତ୍କୋଚ ନେବା ସହ ସଂପୂର୍ଣ୍ଣ ଭୁବନେଶ୍ୱର ସହରର ଭୌଗୋଳିକ ବ୍ୟବସ୍ଥାକୁ ବିଗାଡ଼ି ଦେଇଛନ୍ତି। ଏ ବନ୍ୟା ଏବଂ କ୍ଷୟକ୍ଷତି ପରିସ୍ଥିତି ପାଇଁ କେବଳ ସେଇ ଦୁଇଜଣ ଅଫିସର ହିଁ ଦାୟୀ। ସେମାନେ ଭୁବନେଶ୍ୱରରେ ଜେଟିପି ଭାବରେ କାର୍ଯ୍ୟ କରୁଥିଲେ, ଏବେ ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଏଠାରେ ବହୁ ବର୍ଷ ଧରି ଚାକିରୀ କଲେଣି ମାତ୍ର ସେମାନଙ୍କର ବଦଳି ନାହିଁ। ସେଇ ଦୁଇ ଅଫିସର ହେଲେ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗୌରୀଶଙ୍କର ଭୂୟାଁ ଭୁବନେଶ୍ୱରରେ ପ୍ଲାନିଂ ମେମ୍ବର ଥିବାବେଳେ ମହମ୍ମଦ ଇକବାଲ ଅଲ୍ଲୀ କଟକରେ ପ୍ଲାନିଂ ମେମ୍ବର ଅଛନ୍ତି। ଏମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ଚାଲୁଥିଲେ ମଧ୍ୟ ସରକାର ତାଙ୍କୁ ସେହି ପଦବୀରେ ରଖିବା ଆଶ୍ଚର୍ଯ୍ୟ ଏବଂ ଦୁର୍ଭାଗ୍ୟର ବିଷୟ। ଏଠାରେ ସୂଚନାଯୋଗ୍ୟ ଡମଣାଛକର କ୍ଲବଟାଉନ, ଜୟଦେବ ବିହାର ଛକ ବିଲିଡିଂ, ଦ ୱାର୍ଲଡ ପାଖରେ ଥିବା ଲେକଭିୟୁ, ଇସ୍କନ ମନ୍ଦିର ପାର୍ଶ୍ୱବର୍ତି ପ୍ରଭୃତି ଅଟ୍ଟାଳିକା ପ୍ରଭୃତିକୁ ବେଆଇନ ଭାବେ ଅନୁମତି ଦିଆଯାଇଛି। ସରକାରଙ୍କର ବିଧିବ୍ୟବସ୍ଥାକୁ ଏଥିରେ ଉଲ୍ଲଙ୍ଘନ କରାଯାଉଛି। ବର୍ତମାନ ଭୁବନେଶ୍ୱରବାସୀ ଖୋଜୁଛନ୍ତି ଯେ ଭୁବନେଶ୍ୱର ସହରକୁ ଏପରି ଅବ୍ୟବସ୍ଥିତ କଲାକିଏ? ବିଲଡର ମାନଙ୍କୁ ଆଖିବୁଜା ଅନୁମତି ଦେଲାକିଏ? ଭୁବନେଶ୍ୱରରେ କୃତ୍ରିମବନ୍ୟା ପାଇଁ ଦାୟୀ କିଏ? କେବଳ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗତ ୧୫ ବର୍ଷଧରି ମହମ୍ମଦ ଇକବାଲ ଅଲ୍ଲୀ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ଏମାନେ ପରୋକ୍ଷ ଭାବରେ ଅନେକ ବିଲଡର ସଂସ୍ଥାର ମାଲିକାନା ସହ ସଂପୃକ୍ତ ବୋଲି ଅଭିଯୋଗ ହେଉଛି। ତୁର' ଏହି ଦୁଇ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନହେଲେ ଛାତ୍ର କଂଗ୍ରେସ ପକ୍ଷରୁ ଦୁର୍ବାର ଓ ଦୃଢ଼ ଆନ୍ଦୋଳନ କରାଯିବ ଏବଂ ବିଡିଏ କାର୍ଯ୍ୟାଳୟ ଘେରାଉ କରାଯିବ।

## କାଠିରେ ବିରାଜିଲେ ବିଘ୍ନ ବିନାଶକ



ଭୁବନେଶ୍ୱର (ପିଏନ୍): ବିଦ୍ୟା ଦେବତା ବିଘ୍ନ ବିନାଶକଙ୍କୁ କାଠିରେ ଅତି ସୁନ୍ଦର ଓ ନିଖୁଣ ରୂପେ ସ୍ଥାପନ କରି ନିଷ୍ଠା ଓ ଭକ୍ତିର ସହ ଅବାହନ କରିଛନ୍ତି ପୋଖରୀପୁଟ ଅଞ୍ଚଳର ଆଠବର୍ଷର ଶିଶୁପୁତ୍ର ତଥା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ। ଶାନ୍ତନୁ ଏକ କଳା ରଙ୍ଗର କାର୍ଡ଼ବୋର୍ଡ଼ ଏବଂ କିଛି କାଠି ଯୋଗାଡ଼ କରି ଏହାକୁ କାଟି ତାହାକୁ ଶ୍ରୀ ଗଣେଶଙ୍କ ପ୍ରତିଛବି ରୂପେ ସଜାଇବା ସହ ଆରାଧନା କରିଛନ୍ତି ଏବଂ ନିଜ ଅନ୍ତର୍ନିହିତ କଳାର ପରିଚୟ ଦେଇଛନ୍ତି। କାଠିରେ ଗଣେଶ ତିଆରି ସମ୍ପର୍କରେ ସେ କୁହନ୍ତି, ବିସର୍ଜନ ସମୟରେ ଏହା ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଏହା ମାଟିରେ ମିଶିଯିବ। ଏସବୁ ପାଇଁ ତାଙ୍କ ମାଆ ଅନସୂୟା ଓ ପିତା ପ୍ରେରଣା ସାଜିଛନ୍ତି ବୋଲି ଶାନ୍ତନୁ କୁହନ୍ତି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୀମଟାଙ୍ଗି ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡ଼ିଛି।

## ଫୁଲରେ ଶ୍ରୀଗଣେଶ



ଭୁବନେଶ୍ୱର (ପିଏନ୍): ଗିରିଜା ନନ୍ଦନ ଶ୍ରୀ ଗଣେଶଙ୍କ ପୂଜା। ଧରାପୃଷ୍ଠରେ ଅବତରଣ କରିଛନ୍ତି ଅଗ୍ରପୂଜ୍ୟ ଦେବତା ଶ୍ରୀ ଗଣେଶ। ଏହି ଅବସରରେ ଗଣେଶ ଚତୁର୍ଥୀରେ ଜନସାଧାରଣଙ୍କୁ ପ୍ରକୃତି ପ୍ରେମର ବାର୍ତ୍ତା ଦେବାକୁ ଯାଇ ଏକ ନିଆରା ଶୈଳୀରେ ଉଲ୍‌ରେ ବିଭିନ୍ନ ରଙ୍ଗର ଫୁଲ ତିଆରି କରି ବିଘ୍ନ ବିନାଶକଙ୍କୁ ସ୍ଥାପନ କରିଛନ୍ତି ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ। ଏଥିରେ କୌଣସି ପ୍ରକାର ପ୍ଲାଷ୍ଟିକ୍, ପଲିଥିନ୍ ବା ରାସାୟନିକ ରଙ୍ଗର ବ୍ୟବହାର କରାଯାଇ ନାହିଁ। ବେଶ୍ ସୁନ୍ଦର ହୋଇଛନ୍ତି ଫୁଲ ଗଣେଶ। ପୂଜା ପରେ ବିସର୍ଜନ ସମୟରେ ପରିବେଶ ଉପରେ ଏହା କୁପ୍ରଭାବ ପଡ଼ିବ ନାହିଁ। ନଦୀ, ନାଳ ଓ ଜଳାଶୟ ମଧ୍ୟ ପ୍ରଦୂଷିତ ହେବ ନାହିଁ। ସଂପ୍ରତି ପର୍ଯ୍ୟାବରଣକୁ କ୍ଷତି ନ ପହଞ୍ଚାଇବା ନିମନ୍ତେ ପୂଜାପାର୍ବଣ ଗୁଡ଼ିକ ପରିବେଶଧର୍ମୀ ହେବା ନିତାନ୍ତ ଜରୁରୀ ବୋଲି ପରିବେଶବିତ୍ ଶ୍ରୀ ସାହୁ କହିଛନ୍ତି।

## ଧର୍ମଶାଳା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ସମାରୋହ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ସମାରୋହ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼ ସେ ଦେଶର ବିକାଶ ସେତେ ଅଧିକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସଫଳ ରୂପାୟନ ହୋଇଥିବା ପ୍ରକାଶ କରି କହିଲେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଧର୍ମଶାଳାରେ ସ୍ଥାପନ କରାଯିବ। 'ମୋ କଲେଜ'କୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇ କଲେଜର ଆବଶ୍ୟକତାକୁ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା ଅଂଚଳରେ ଥିବା ସମସ୍ତ କଲେଜକୁ କ୍ରୀଡ଼ାପାଇଁ ଏହି କଲେଜକୁ ଏକ ନୋଡାଲ ସେଂଟର କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ସାହିତ୍ୟିକ ତଥା କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସିନେ ତାରକା ଅରିନ୍ଦମ ରାୟ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଯୋଗଦେଇ ନିଜ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଭାପତି ଶ୍ରୀ ମିଶ୍ର କଲେଜ ପ୍ରତିଷ୍ଠା କରିଥିବା ସ୍ରଷ୍ଟାମାନଙ୍କୁ ସ୍ମରଣ କରି ବିଧାୟକଙ୍କ ସହଯୋଗରେ ଏହି କଲେଜ ଧର୍ମଶାଳା ଅଂଚଳର ଏକ ପ୍ରମୁଖ କଲେଜରେ ପରିଣତ ହୋଇଛି ବୋଲି କହିଥିଲେ। ଏହି ଅବସରରେ ସେ ଅତିଥିମାନଙ୍କୁ କଲେଜ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସଂବର୍ଦ୍ଧନା ଜଣାଇଥିଲେ। ଅଧାପକ ସନ୍ତୋଷ କୁମାର ପଣ୍ଡା, ପୀତବାସ କର ଓ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ପ୍ରାଧାପକ ଜୟନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜରେ କୃତିତ୍ୱ ଅର୍ଜନ କରିଥିବା +୨ କଳାରେ ସର୍ବାଧିକ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ସସ୍ମିତା ସ୍ୱୟଂପ୍ରଭା ସାହୁ, ବିଜ୍ଞାନରେ ସୌମ୍ୟରଂଜନ ମହାପାତ୍ର ଓ ଦିନେଶ ନାୟକ, ବାଣିଜ୍ୟରେ ଅନିଲ କୁମାର ଦାସଙ୍କୁ ମନ୍ତ୍ରୀ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି +୩ କଳାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ସତ୍ୟବ୍ରତ ବଳ, ବିଜ୍ଞାନରେ ବିଶ୍ୱଭୁଷଣ ଦାସ, ବାଣିଜ୍ୟରେ ସୌମ୍ୟଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧାପକ ଅରବିନ୍ଦ କୁମାର ମହାନ୍ତି ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଧର୍ମଶାଳା (ପିଏନ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ବାରକଣା ନିକଟରେ ଯାଜପୁର ଅବକାରୀ ବିଭାଗ ମୋବାଲ ସ୍କାର୍ଡ ପକ୍ଷରୁ ଚଢାଉ କରାଯାଇ ସ୍କୁଟି ଓ ୩୨ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଅବକାରୀ ମୋବାଇଲ ସ୍କାର୍ଡ ଇନିସପେକ୍ଟର ସମିର ମହାଁ ଓ ସବଇନିସପେକ୍ଟର ଦୀଲିପ କୁମାର ନାୟକ ସହକର୍ମୀଙ୍କ ସହ ଡୁବୁରୀ ଛକରେ ଥିବା ବେଳେ ଓଡି-୩୪ପି-୩୯୩୪ ସ୍କୁଟିରେ ବ୍ରାଉନ ସୁଗାର ନେଇ ଜଣେ ଯୁବକ ଚଣ୍ଡିଖୋଲ ଆଡକୁ ଯାଉଥିବା ଖବର ପାଇଥିଲେ। ସଙ୍ଗେ ସଙ୍ଗେ ତାର ପିଛା କରି ୫୩ ନଂ. ଜାତୀୟ ରାଜପଥ ଜେନାପୁର ଥାନା ବାରକଣା ଠାରେ ଡୁବୁରୀ ଅଂଚଳର ସୁଦର୍ଶନ ବେହେରା (୩୩)ଙ୍କୁ ଗିରଫ କରିବା ସହ ତା' ନିକଟରୁ ୩୨ଗ୍ରାମ ବ୍ରାଉନ ସୁଗାର ଓ ସ୍କୁଟି ଜବତ କରିଥିଲେ। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୮୭/୨୨ରେ ଏକ କେଶ ରୁଜୁ କରାଯାଇ ଅଭିଯୁକ୍ତ ସୁଦର୍ଶନକୁ ଯାଜପୁର କୋର୍ଟ ଚାଲାଣ କରାଯାଇଛି।

## ଜାତୀୟ କ୍ରୀଡା ଦିବସ ପାଳିତ

ଧର୍ମଶାଳା (ପିଏନ): ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ପକ୍ଷରୁ ବାଣୀପୀଠ ପଡିଆରେ ଜାତୀୟ କ୍ରୀଡା ଦିବସ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଏହି ଦିବସରେ କ୍ରୀଡା ଓ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ପାଇଁ ଖେଳ ସାମଗ୍ରୀ ବଂଟନ କରିବା ସହ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜକ କ୍ଲବର ସିନିଅର ଓ ଜୁନିଅର ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିଅର ଟିମକୁ ୨/୦ ଗୋଲରେ ପରାସ୍ତ କରି ସିନିଅର ଦଳ ବିଜୟୀ ହୋଇଥିଲେ।

## ଜୟପ୍ରକାଶ ହସ୍‌ପିଟାଲ ପ୍ରତି ଅହେତୁକ ଅନୁକମ୍ପା କାହା ସ୍ୱାର୍ଥରେ ?



ରାଉରକେଲା (ପିଏନ୍): ଜୟପ୍ରକାଶ ହସ୍‌ପିଟାଲ ପ୍ରତିଷ୍ଠା ଦିନଠାରୁ ବିବାଦରେ ରହିଆସିଛି। ତଥାପି ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଉକ୍ତ ସଂସ୍ଥାକୁ କାହିଁକି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସତେ ଯେମିତି ସୁନ୍ଦରଗଡ ଜିଲ୍ଲାର ଡିଏମ୍‌ଏଫ୍ ଫଣ୍ଡ ଉକ୍ତ ହସ୍‌ପିଟାଲକୁ ପୋଷିବା ପାଇଁ ହୋଇଛି ବୋଲି ଅନୁଭବ ହେଉଛି। ଉକ୍ତ ହସ୍‌ପିଟାଲରେ କେଉଁ ମାନର ଚିକିତ୍ସା ମିଳୁଛି ଏବଂ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ କିଭଳି ଶୋଷଣର ଶିକାର ହେଉଛନ୍ତି ତାହା କାହାକୁ ଅଛପା ନାହିଁ। ଏପରିକି ଯେତେବେଳେ କରୋନାର ପ୍ରକୋପରେ ସମସ୍ତେ ଆତଙ୍କିତ ହୋଇ ରହିଥିଲେ ଏବଂ ଚିକିତ୍ସା ଅଭାବ ଯୋଗୁ ହାହାକାର ଦେଖା ଦେଇଥିଲା ସେତେବେଳେ ଉକ୍ତ ଡାକ୍ତରଖାନା ଉତ୍ତମ ଚିକିତ୍ସା ବାହାନାରେ ଅର୍ଥ ଉପାର୍ଜନର ମେସିନରେ ପରିଣତ ହୋଇଥିଲା। ସେତେବେଳେ କଂଗ୍ରେସ ଦଳ ତରଫରୁ ମଧ୍ୟ ଏହି ରୋଗୀ ଶୋଷଣ ଓ ହସ୍‌ପିଟାଲ ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା ପ୍ରଦର୍ଶନର ପ୍ରତିବାଦରେ ଦୁଇ ଦୁଇ ଥର ଉକ୍ତ ହସ୍‌ପିଟାଲକୁ ଘେରାଉ କରିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତେବେ ଏତେସବୁ ଅଭିଯୋଗ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଡାକ୍ତରଖାନାକୁ ଆକଟ କରିବା ପରିବର୍ତ୍ତେ ମନଇଚ୍ଛା ବିଲ୍ ପୈଠ କରିଚାଲିଥିଲେ, ଯାହା ରାଜ୍ୟ ସରକାରଙ୍କ ମନ୍ତ୍ରୀ ଏବେ ଶାସକ ଦଳର ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଯାଇ ବିଧାନସଭାରେ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରୁ କେଉଁଭଳି ଭାବରେ ଏହି ହସ୍‌ପିଟାଲକୁ ଅନୁକମ୍ପା ମିଳିଛି ତାହା ସ୍ପଷ୍ଟ ହୋଇଯାଇଛି।

ବିଧାନସଭାରେ ମନ୍ତ୍ରୀ ଦେଇଥିବା ତାଲିକା ମୁତାବକ ଜୟପ୍ରକାଶ ହସ୍‌ପିଟାଲକୁ ୧୦୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିଏମ୍‌ଏଫ୍ ଫଣ୍ଡରୁ ଦିଆଯାଇଛି। ସବୁଠାରୁ ସନ୍ଦେହଜନକ ଘଟଣା ହେଉଛି ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲକୁ କୋଭିଡ୍ ରୋଗୀ ପିଛା ହାରାହାରି ୧,୨୪,୬୭୨ ଟଙ୍କା ସରକାରଙ୍କ ତରଫରୁ ଦିଆଯାଇଥିବା ବେଳେ କିମ୍‌ସ ହସ୍‌ପିଟାଲକୁ ରୋଗୀ ପିଛା ୯୮,୨୭୩ ଟଙ୍କା ମିଳିଛି। କିନ୍ତୁ ଜୟ ପ୍ରକାଶ ହସ୍ ପିଟାଲକୁ କୋଭିଡ୍ ରୋଗୀ ପିଛା ୫,୧୮,୯୬୯ ଟଙ୍କା ଦିଆଯାଇଛି। ସମ୍ ଓ କିମ୍‌ସ୍ ହସ୍‌ପିଟାଲରେ ଚିକିତ୍ସାର ମାନ କିଭଳି ଓ ଜୟ ପ୍ରକାଶ ହସ୍‌ପିଟାଲରେ ଚିକିତ୍ସାର ମାନ କେମିତି ଥିଲା ଓ ଏବେବି କିପରି ରହିଛି ତାହା କାହାକୁ ଅଛପା ନାହିଁ। ସେ କ୍ଷେତ୍ରରେ ଜୟ ପ୍ରକାଶ ହସ୍‌ପିଟାଲକୁ କାହିଁକି ଏତେଗୁଡିଏ ଟଙ୍କା ଦିଆଗଲା? ତେଣୁ ସ୍ୱାଭାବିକ ଭାବରେ ଏଥିରେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଶାସକ ଦଳର ନେତାଙ୍କ ହାତ ଚିକ୍କଣ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି। ତେଣୁ ଏହାର ଏକ ନିରପେକ୍ଷ ଅଡିଟ୍ ଓ ଭିଜିଲାନ୍ସ ତଦ'ର ଆବଶ୍ୟକତା ରହିଛି।

ଡିଏମ୍‌ଏଫ୍ ଫଣ୍ଡରୁ ଏତେ ପଇସା ଦେଲା ପରେ ବି ଜିଲ୍ଲା ପ୍ରଶାସନର ମନ ଶାଁ ହେଲା ନାହିଁ। ଏବେ ପୁଣି ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ମାଗଣା ଚିକିତ୍ସା ଦେବା ବାହାନାରେ କୋଟି କୋଟି ଟଙ୍କା ଦିଆଯାଉଛି, ଯାହାକି ଆଉ ଏକ କେଲେଙ୍କାରୀ। ଏହାର ମଧ୍ୟ ଏକ ବିଧିବଦ୍ଧ ଉଚ୍ଚସ୍ତରୀୟ ତଦ' ହେବାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ବିଏସ୍‌କେୱାଇ ସ୍କିମ୍‌ରେ ମଧ୍ୟ ଉକ୍ତ ହସ୍‌ପିଟାଲ ଅନୈତିକ ଉପାୟରେ ବିପୁଳ ଫାଇଦା ହାସଲ କରୁଛି। ସରକାରୀ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତି ପ୍ରକାଶ କରିଛନ୍ତି। ଏହି ହସ୍‌ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଯୋଗାଇ ଦିଆଯାଇଥିବା ବିପୁଳ ଆର୍ଥିକ ଫାଇଦା ସମ୍ପର୍କରେ ଯଦି ସରକାର ଭିଜିଲାନ୍ସ ତଦ' କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ସାଧାରଣ ଲୋକେ ତାର ଉଚିତ୍ ଜବାବ୍ ଦେବେ ବୋଲି ଶ୍ରୀ ସେନାପତି ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେନାପତିଙ୍କ ସମେତ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସବୀର ହୁସେନ, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମୀରଂଜନ ପାଢୀ, ମୁଖପାତ୍ର କୈଳାସ ସାହୁ ଓ ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରାଦୀପ (ପିଏନ୍)-ପାରାଦୀପ ଶାଖା ରୋଟାରୀ କ୍ଲବ୍ ପକ୍ଷରୁ ବନ୍ଦରର ଗଲ୍ଫ ପଡିଆ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଂପ୍ରତି ଫଳନ୍ତି ଗଛର ଆବଶ୍ୟକତା ଦୃଷ୍ଟିରେ ରଖି କ୍ଲବ ପକ୍ଷରୁ ଫଳ ଗଛ ଆମ୍ବ, ନଡିଆ,ପଣସ,ପିଜୁଳି ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା। ପାରାଦୀପ ରୋଟାରୀ କ୍ଲବ୍‌ର ସଭାପତି ଦୀପକ କୁମାର ଷଡଙ୍ଗୀଙ୍କ ତତ୍ୱାବଧାନରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ପାଦକ ଗଣେଶ୍ୱର ପାତ୍ର, ରୋଟାରିୟାନ ଡ. ଦୁର୍ଗା ପ୍ରସାଦ ସେଠୀ, କୈଳାସ ଚନ୍ଦ୍ର ମହାରଣା, କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ଅକ୍ଷୟ ଚନ୍ଦ୍ର ମିଶ୍ର, ଆବାସ ଚନ୍ଦ୍ର ଚୌଧୁରୀ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଗଲ୍ଫ କ୍ଲବ୍‌ର ସଭାପତି ଡି.ଏନ୍. ସୋନ୍ଧି, କାର୍ଯ୍ୟକାରୀ ସଭାପତି ବବୁଲ୍ ସିକଦାର୍, ଉପସଭାପତି ଅକ୍ଷୟ ଚନ୍ଦ୍ର ସୂତାର, ସମ୍ପାଦକ ମନୋଜ କୁମାର ମହନ୍ତ, ସଭ୍ୟ ହରିହର ଦାଶ, ଧର୍ମେନ୍ଦ୍ର ମିଶ୍ର, ପି. ଟୁଡୁ ଏବଂ ବହୁ ରୋଟାରିୟାନ ଓ ଗଲ୍ଫ କ୍ଲବର ସଦସ୍ୟମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲଘୁଚାପଜନିତ ବନ୍ୟାରେ ୬ଟି ପଂଚାୟତ ପ୍ରଭାବିତ

ଖୋର୍ଦ୍ଧା (ପିଏନ)- ଲଘୁଚାପଜନିତ ବର୍ଷାରେ ମହାନଦୀର ଜଳ ରଣ ନଈର ଓଲଟା ପାଣି ପ୍ରବାହିତ ହୋଇ ଜଳମଗ୍ନ ହେବା ଫଳରେ ହେକ୍ଟର ହେକ୍ଟର ଧାନ ଜମି ନଷ୍ଟ ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ରିପୋର୍ଟ କରାଯାଇଛି। ବେଗୁନିଆ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ସୂଚନା ମୁତାବକ ଏହି ଲଘୁଚାପ ଜନିତ ବର୍ଷାରେ ବ୍ଲକର ୬ ଗୋଟି ପଂଚାୟତ ଯଥା ଦୁର୍ଗାପୁର, ସାରୁଅ, ବାଘମାରୀ, ସିମୋର, ପୋଡାଡିହ ଓ ପଙ୍ଗାରସିଂହରେ ବନ୍ୟାଜଳରେ ଜଳମଗ୍ନ ହୋଇ ୧୯୯୩ ହେକ୍ଟର ଚାଷଜମି ନଷ୍ଟ ହୋଇଛି ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






ଆଜି ଓଡିଶା ବଧିର(ବାକ୍‌ଶକ୍ତିବାଧିତ) ସଂଘ ଦ୍ୱାରା ପରିଚାଳିତ କାଗରଗିଲ୍ ରୋଡସ୍ଥିତ ନର୍ସରୀ ବଧିର ବିଦ୍ୟାଳୟରେ ବିଘ୍ନ ବିନାଶକ ଗଣନାୟକ ଗଣେଶଙ୍କ ପୂଜା ଅନୁଷ୍ଠାନର ସମସ୍ତ କର୍ମକର୍ତାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି ।

# ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ପ୍ରତିଯୋଗିତା ଉଦଘାଟିତ

ବଲାଙ୍ଗିର, (ପି.ଏନ): ଜିଲ୍ଲା ବ୍ୟାଡମିନ୍ଟନ ସଂଘ ଆନୁକୁଲ୍ୟରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ବ୍ୟାଡମିନ୍ଟନ ପ୍ରତିଯେଗିତା ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ସ୍ଥିତ ବ୍ୟାଡମିନ୍ଟନ ଇନଡୋର ହଲରେ ୨ଦିନ ବ୍ୟାପି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବଲାଙ୍ଗିର ସହର ସମସ୍ତ ପାଟଣାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ଟିଟିଲାଗଡ ଅଂଚଳରୁ ୮୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି । ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଛନ୍ତି ଯେ, ଏହି ଖେଳ ଓ ଖେଳାଳିମାନଙ୍କ ସହିତ ମୁଁ ଦୀର୍ଘ ବର୍ଷରୁ ଯୋଡି ହୋଇଛି । ଆଗାମୀ ଦିନରେ ଖେଳାଳିମାନଙ୍କ ପାଇଁ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ନିର୍ମିତ ଇନଡୋର ଷ୍ଟେଡିଅମ ନିଶ୍ଚିତ ଭାବେ ଆଶିର୍ବାଦ ସଦୃସ ହେବ । ଏହି ଖେଳରେ ବଲାଙ୍ଗିର ପାଇଁ ଗୌରବ ଆଣିଥିବା ଓ ଆଣିବାକୁ ଥିବା ଖେଳାଳି ମାନେ ଯେପରି ତାଙ୍କର ଖେଳ ଜାରି ରଖିବାରେ କୌଣସି ପ୍ରତିବନ୍ଧକର ସମ୍ମୁଖିନ ନହେବେ ସେ ଦିଗରେ ସେ ନିଶ୍ଚିତ ଭାବେ ଧ୍ୟାନ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା ନିଜ ଆଭିଜ୍ଞତାରୁ କହିଥିଲେ ଯେ, ସେହି ଏହି ଖେଳ ଛାତ୍ରବସ୍ଥାରୁ ଖେଳୁଛନ୍ତି । ସେହି ସମସୟରେ ବିଭୀନ୍ନ ପ୍ରତିଯୋଗିତା ମାନଙ୍କରେ ବଲାଙ୍ଗିର ଖେଳାଳିମାନଙ୍କୁ ରାଜ୍ୟର ଅନ୍ୟ ଅଂଚଳର ଖେଳାଳିମାନେ ଭୟ କରୁଥିଲେ । ରାଜ୍ୟ ବ୍ୟାଡ ମିନ୍ଟନ ଜଗତରେ ବଲାଙ୍ଗିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବହୁ ଶିଘ୍ର ପୃଥ୍ୱିରାଜ ହାଇସ୍କୁଲ ଇନଡୋର ଉପଲବ୍ଧ ହୋଇଯିବ ବୋଲି ସେ ମଧ୍ୟ କହିଥିଲେ । ଖେଳରେ ଉତ୍କର୍ଷତା ପ୍ରତିପାଦନ କରିଥିବା ରାଜ୍ୟ ସ୍ତରୀୟ ଖେଳାଳମାନଙ୍କୁ ଜିଲ୍ଲା ବ୍ୟଡମିନ୍ଟନ ସଂଘ ପ୍ରୋତ୍ସାହିତ କରିବା ଉଚିତ ବୋଲି ଅନ୍ୟତମ ସମ୍ମାନୀତ ଅତିଥି ତଥା ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ନିତୀନ କୁଶଲକରକହିଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଖେଳ ଓ ଖେଳାଳିମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ଦରକାର ହେଲେ ସେ ମଧ ସମସ୍ତ ସହଯୋଗ ଯୋଗଇ ଦେବେ ବୋଲି କହିଥିଲେ । ଆଜି ଅନୁଷ୍ଠିତ ହୋଇଥିବା ଖେଳମାନଙ୍କରେ ବିକ୍ରାନ୍ତ ଜାନୀ, ଆଦିତ୍ୟ ମହାପାତ୍ର, ସ୍ୱସ୍ତିକ ମଟାରି, ବୈଭବ ସାହୁ, ମାନଭଞ୍ଜନ ନାଏକ, ହିମାଂଶୁ ହାତି, ଚିନ୍ମୟ ବେହେରା ପ୍ରମୁଖ ପରବର୍ତ୍ତି ସ୍ତରକୁ ଉନ୍ନିତ ହୋଇଛନ୍ତି । ଏଠାରେ ସୁଚନା ଯୋଗ୍ୟ ଯେ, ସଦ୍ୟ ସମାପ୍ତ ହୋଇଥିବା ୯, ୧୧ ଓ ୧୩ ବର୍ଷ ବର୍ଗରେ ଜବାହାର ଲାଲା ଇନଡୋର ଷ୍ଟଡିଅମ ଠାରେ ବଲାଙ୍ଗିର ର କୁନି ଖେଳାଳୀ ଜି. ଗୌତମ ଏବଂ ତାଙ୍କ କୋଚ ଅଭିମନ୍ୟୁ ବର୍ଗର୍ତ୍ତଙ୍କୁ ଅତିଥି ଓ ଆୟୋଜକମାନେ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଥିଲେ । ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ଏକ ମାତ୍ର ଖେଳାଳି ଭାବେ ରାଜ୍ୟ ପୁରୁଷ ସିଙ୍ଗିଲ୍ସ ଚମ୍ପିଆନ ହୋଇଥିବା ଅରବିନ୍ଦ ସାହୁ, ଅନେକ ଥର ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ବିକ୍ରାନ୍ତ ଜାନୀଙ୍କ ସମେତ ଅନେକ ନାମି ଖେଳାଳି ଏଥିରେ ଭାଗ ନେଇଛନ୍ତି । ବ୍ୟଡମିନ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଘନଶ୍ୟାମ ମିଶ୍ର, ଟେକନିକାଲ ଅଫିସର, ହେମନ୍ତ ପ୍ରଧାନ, ଅନନ୍ତ ବେହେରା, ଆଶିଷ ଦର୍ଜୀ, ମାନସ ମହାନ୍ତି, ରାଜ କିଶୋର ଶତପଥି, ସିଦ୍ଧାର୍ଥ ମିଶ୍ର, ଆଲୋକ ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବ୍ୟଡମିନ୍ଟନ କୋଚ ସୁରେନ୍ଦ୍ର ନେପାଲ ପ୍ରତିଯୋଗିତା ପରିଚାଳନା କରିଛନ୍ତି ।

## ଯୁବ କବି ଅର୍ଜୁନ ସାହୁଙ୍କ କୋସଲି କବିତା ବହି "ଚରା" ଉନ୍ମୋଚିତ

ବଲାଙ୍ଗିର,(ପି.ଏନ): ଯୁବ କବି ଅର୍ଜୁନ କୁମାର ସାହୁଙ୍କ କୋସଲି କବିତା ବହି "ଚରା" ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଶିଷ୍ଟ ଅତିଥିମାନଙ୍କ ଗହଣରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବ ରେ ବିଶିଷ୍ଟ ଅତିଥି ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇ ପ୍ରାଥମିକ ଶିକ୍ଷା ଛାତ୍ରମାନଙ୍କ ମେରୁଦଣ୍ଡ ଏହି ଶିକ୍ଷା ନିଜ ମାଁ ର ଭାଷା କୋସଲି ରେ ପ୍ରଦାନ କରାଗଲେ ଶିଶୁର ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ, ବ୍ୟଞ୍ଜାନିକ୍ ଅଧିକାରୀ ପଦ୍ମନାଭ ପଧାନ କହିଥିଲେ ନିଜ ମାତୃଭାଷାରେ ପିଲାମାନେ ପାଠ ପଢିଲେ ବଲ ଭାବରେ ବୁଝି ପାରିଥାନ୍ତି ଆମେ ଯେତେ ବିକାଶଶିଳ ରାଷ୍ଟ୍ର ଦେଖଛେ ସମସ୍ତେ ନିଜ ଭାଷାରେ ହିଁ ଶିକ୍ଷା ଗ୍ରହଣ କରିଥାନ୍ତି ତେଣୁ କୋସଲି ଏକ ସ୍ୱତନ୍ତ୍ର ଭାଷା ଏବଂ ଏହି ଭାଷା ସରକାରଙ୍କ ଅଷ୍ଟମ ଅନୁସୂଚି ରେ ସ୍ଥାନ ପାଇବା ଆବଶ୍ୟକ ବୋଲି ମତ ଦେଇଥିଲେ, ପ୍ରମେୟ କେବିକେ ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ତାଙ୍କ ଭାଷଣ ମାଧମରେ କହିଥିଲେ ଭାଷାର ସ୍ୱତନ୍ତ୍ର ଲିପିର ଆବଶ୍ୟକତା ରହିଛି ତେଣୁ ଏକ ଲିପି ପ୍ରସ୍ତୁତ କରିବା ସଙ୍ଗେ ଆହୁରି ଗଦ୍ୟ ସାହିତ୍ୟ ମଧ ରଚନା କରାଯାଉ ବୋଲି ମତ ରଖିଥିଲେ । ସ୍ତମ୍ଭକାର ହେମନ୍ତ ପଣ୍ଡା କୋସଲି ଏକ ସ୍ୱତନ୍ତ୍ର ଭାଷା ଏହାର ସଂସ୍କୃତି ସମୃଦ୍ଧ ଏବଂ କବି ଅର୍ଜୁନ ସାହୁଙ୍କ କବିତା ବହି ଏହି ଭାଷାକୁ ଗୋଟେ ବଡ ଅବଦାନ ବୋଲି କହିଥିଲେ ।

## ଶିଶୁମାନଙ୍କ ଭବିଷ୍ୟତ ଗଠନ ଓ କୌଶଳ ବିକାଶ ସମ୍ବନ୍ଧୀୟ କର୍ମଶାଳା

ଭଦ୍ରକ,(ପି.ଏନ): ଭଦ୍ରକ ଜିଲ୍ଲା ସୀତାରାମ ମଣ୍ଡପ, ଗାନ୍ଧୀପଡିଆ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ଦ୍ୱାରା ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ସେବା ଯତ୍ନ ପାଉଥିବା ଶିଶୁ ମାନଙ୍କୁ ନେଇ "ଶିଶୁ ମାନଙ୍କ ଭବିଷ୍ୟତ ଗଠନ ଓ କୌଶଳ ବିକାଶ ସମ୍ବନ୍ଧୀୟ" ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଡା ସୁଦର୍ଶନ ବାରିକ ମୁଖ୍ୟ ଅତିଥି , ଜିଲ୍ଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାଶ ସମ୍ମାନୀୟ ଅଥିତି ରୂପେ ରୂପେ ଯୋଗଦାନ କରିଥିଲେ, ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ଯୋଗଦାନ କରିଥିଲେ । ଉକ୍ତ କର୍ମଶାଳାରେ ଜିଲ୍ଲା ର ନଅ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ର ଶିଶୁ , ସମ୍ପାଦକ , ଅଧିକ୍ଷକ , କର୍ମକର୍ତା ମାନେ ଯୋଗଦାନ କରିଥିଲେ ଏଥିସହିତ ଅଣ ଆନୁଷ୍ଠାନିକ ସେବାରେ ଥିବା ଶିଶୁମାନେ ମଧ୍ୟ ସାମିଲ ହୋଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଶିଶୁ ମାନଙ୍କ ଭବିଷ୍ୟତ ଗଠନ ରେ କୌଶଳ ଓ ଦକ୍ଷତା ବିକାଶ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଡା ସୁଦର୍ଶନ ବାରିକ କର୍ମଶାଳା ରେ ଅଧକ୍ଷତା କରି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କୌଶଳ ବିକାଶ ପ୍ରଶିକ୍ଷଣ ର ସୁଯୋଗ ନେବାପାଇଁ ଶିଶୁ ମାନଙ୍କୁ ଉପଦେଶ ଦେଇଥିଲେ । ଜିଲ୍ଲା ନିଯୋଜନ ସଂସ୍ଥା ର ସହୋଯୋଗ ନେଇ ତାହାର ଲାଭ ଉଠାଇପାରିବେ । କାର୍ଯ୍ୟ ଦକ୍ଷତା ହିଁ ଶିଶୁ ମାନଙ୍କୁ କର୍ମ ନିଯୋଜନ ପ୍ରଦାନ କରିପାରିବ । ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ଶିଶୁ ମାନେ ନିଜର ଯୋଗ୍ୟତା ଓ ପ୍ରତିଭା ଅନୁଯାୟୀ ଆବଶ୍ୟକ ପ୍ରଯୁକ୍ତି ଗତ ଦକ୍ଷତା ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ ମତବ୍ୟକ୍ତ କରିଥିଲେ । କର୍ମଶାଳାର ଦ୍ୱିତୀୟ ଭାଗରେ ବିଷୟ ବିଶାରଦ ହିସାବରେସମ୍ମାନିୟ ଅଥିତି ତଥା ଜିଲ୍ଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାଶ ଓଡିଶା ସରାକରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱ ଦକ୍ଷତା ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯଥା ବୈଦୁତିକ ଦକ୍ଷତା, ଭାଷାଗତ ଦକ୍ଷତା , ବୈଦ୍ୟୁତିକ ଉପକରଣ ର ମରାମତି ଏବଂ ଡିପ୍ଲୋମା ଓ ଆଇ . ଟି . ଆଇ ପାସ କଲା ପରେ ଉଚତମ ଜ୍ଞାନ ଆହରଣ କରିବା ପାଇଁ ଉପଦେଶ ଦେଇଥିଲେ ।

## ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ଆଶୁ ଆରୋଗ୍ୟ କାମନା

ଭଦ୍ରକ, (ପି.ଏନ): ଭଦ୍ରକର ବରିଷ୍ଠ ସାମ୍ବାଦିକ ଅମର ନାୟକ ଏବେ ହୃଦରୋଗରେ ପୀଡିତ ଥାଇ ଭୁବନେଶ୍ୱରସ୍ଥିତ କେୟାର ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହି ଖବର ପାଇବା ପରେ ଭଦ୍ରକର ବହୁ ସାମ୍ବାଦିକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ସାମ୍ବାଦିକ ଶ୍ରୀ ନାୟକ ଗତ ୩ ଦିନ ତଳେ ଅସ୍ମଳ ସ୍ଥିତ ନିଜ ବାସଭବନରେ ଥାଇ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତରମାନେ ତାଙ୍କର ଗୁରୁତର ଅବସ୍ଥା ପାଇଁ କଟକ ରେଫର କରିଥିଲେ । ଫଳରେ ତାଙ୍କୁ ଭୁବନେଶ୍ୱରସ୍ଥିତ କେୟାର ହସ୍‌ପିଟାଲକୁ ନେବାପରେ ସେଠାରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଏବେ ଶ୍ରୀ ନାୟକ ସୁସ୍ଥ ଥିବା ନେଇ ପରିବାର ପକ୍ଷରୁ ତାଙ୍କର ଭାଇ କିଶୋର ନାୟକ ସୂଚନା ଦେଇଥିବାବେଳେ ଭଦ୍ରକର ସାମ୍ବାଦିକ ସର୍ବଶ୍ରୀ ନିହାର ଦାସ, ନନ୍ଦଦୁଲାଲ ଦାସ, ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ପ୍ରତାପ ଦାସ, ସ୍ମୃତିରଂଜନ ସାହୁ, ଡ. ହରିହର ନାୟକ, ନରେନ୍ଦ୍ର ସାମଲ, ଚାରୁଦତ୍ତ ନାୟକ, ତପନ ସ୍ୱାଇଁ, ତପନ ମିଶ୍ର, ପ୍ରିୟଦର୍ଶନ ବୋଇତି, ଉମାକଲ୍ୟାଣ ମହାପାତ୍ର, ଶଶିଭୂଷଣ ସ୍ୱାମୀ, ସତ୍ୟଭୂଷଣ ସ୍ୱାମୀ, ରବିନାରାୟଣ ଖିଲାର, ପାର୍ଥସାରଥୀ ନାୟକ, ଗୌରହରି ନାୟକ, ଜ୍ଞାନ ପ୍ରକାଶ ପାଣି, ଅତିଶ ବେହେରା, ସୌମ୍ୟରଂଜନ ପାଢୀ, ଜଗବନ୍ଧୁ ବେହେରା, ଅବିନାଶ ପଣ୍ଡା, ଶାନ୍ତନୁ ପଣ୍ଡା, ଅପୂର୍ବ ବେହେରା, ସିଗ୍ଧା ରାୟ, ଶୁଭେନ୍ଦୁ ଧଳ, ପ୍ରତାପ ପାଢୀ, ପ୍ରଦୀପ ରାଉତ, ସୁକାନ୍ତ ମହାନ୍ତି, ଭଗବାନ ରାଉଳ, ଦୁର୍ଗାଚରଣ ସାମଲ, ଅମ୍ଳାନ ପଣ୍ଡା, ତପନ ସାହୁ, ବିଦ୍ୟାଧର ସାହୁ, ନବ ସ୍ୱାଇଁ, ଶିବାନନ୍ଦ ଦାସ, ଅଜୟ ପଣ୍ଡା ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଧାମରା ବସଷ୍ଟାଣ୍ଡକୁ ନେଇ ବଦଳୁଛି ନକ୍ସା, ଅଂଚଳବାସୀଙ୍କ ବଢୁଛି ଦୁର୍ଦଶା, ଜିଲ୍ଲାପାଳଙ୍କ କ୍ଷେତ୍ରୀୟ ପରିଦର୍ଶନକୁ ନେଇ ଚର୍ଚ୍ଚା

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଧାମରା ଠାରେ ୮କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଏ ନେଇ ଧାମରା ମୌଜାରେ ଥିବା ପ୍ଲଟ ନଂ ୩୩୪ , ୩୩୬ ଏବଂ ନିକଟବର୍ତ୍ତୀ ଇଲାକାରେ ୫ଏକର ପରିମିତ ଅଂଚଳରେ ଏହି ବସଷ୍ଟାଣ୍ଡ ନିର୍ମାଣ ହେବା ସହ ବସଷ୍ଟାଣ୍ଡ ପରିସର ମଧ୍ୟରେ ଏହି ଅଂଚଳରେ ଥିବା ଅସ୍ଥାୟୀ ଦୋକାନୀ ମାନଙ୍କୁ ସ୍ଥାୟୀ ଦୋକାନ ଗୃହ ଯୋଗାଇ ଦିଆଯିବ ବୋଲି ସରକାର ସ୍ୱିରୀକୃତ କରିଥିଲେ ।ଏଥିପାଇଁ ଟେଣ୍ଡର ହେବା ସହ ଟେଣ୍ଡର ନେଇଥିବା ଠିକାଦାର ଆସି କାର୍ଯ୍ୟ ଆରମ୍ଭ କରିବା ପରେ ପୁନଶ୍ଚ ବିବାଦ ଦେଖାଦେଇଥିଲା। କେତେବେଳେ ରାସ୍ତା ଦକ୍ଷିଣ ପାର୍ଶ୍ୱରେ ତ ଆଉ କେତେବେଳେ ରାଜରାସ୍ତାର ବାମପାର୍ଶ୍ୱରେ ଏହି ବସଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଦାବୀ ହେବା ସହ ଟେଣ୍ଡର ନେଇଥିବା ଠିକାସଂସ୍ଥା ନିଜର ମନମାନୀରେ କାର୍ଯ୍ୟ କରିବାକୁ ନେଇ ବିବାଦ ଦେଖା ଦେଇଥିଲା। ଗତ ୨୧ ଜୁଲାଇ ରେ ଭଦ୍ରକ ଏଡିଏମ ଶାନ୍ତନୁ ମହାନ୍ତି ଆସି କ୍ଷେତ୍ରୀୟ ପରିଦର୍ଶନ କରିବା ସହ ସଂପୃକ୍ତ ଠିକା ସଂସ୍ଥାକୁ ଏହି ବସଷ୍ଟାଣ୍ଡରେ ଥିବା ଏକ ପୋଖରୀକୁ ପୋତିବା ପରେ ତୁମେ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ କରିବାକୁ ଲିଖିତି ନିର୍ଦ୍ଦେଶ ଦେଇଥିଲେ ମାତ୍ର ସେହି ନିର୍ଦ୍ଦେଶକୁ ଫୁ କରି ଠିକାସଂସ୍ଥା ପୁନଶ୍ଚ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାକୁ ଅଂଚଳବାସୀ ବିରୋଧ କରିବା ପରେ କାର୍ଯ୍ୟ ବନ୍ଦ ହୋଇ ରହିଥିଲା। ଆଜି ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଙ୍କ ସହ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ,ତହସିଲ ସୁପରଭାଇଜର ଦାଶରଥି ଦାସ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ କାର୍ତିକ ମହାରଣା,ଧାମରା ରାଜସ୍ୱ ନିରୀକ୍ଷକ ତୁଷାର ରଞ୍ଜନ ମହାପାତ୍ର,ଠିକା ସଂସ୍ଥାର କନିଷ୍ଠଯନ୍ତ୍ରୀ ଏବଂ ରାସ୍ତା କାର୍ଯ୍ୟକୁ ତକଦାରଖ କରୁଥିବା ସଂସ୍ଥାର ଅଧିକାରୀ ।ମନେ ଉପସ୍ଥିତ ଥିଲେ। ଏଥିସହ ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ପାଇଁ ଅଧିକ ବ୍ୟୟଭାର ହେଲେ ରାଜ୍ୟ ସରକାରଙ୍କ ବାଣିଜ୍ୟ ବିଭାଗ ପୁନଶ୍ଚ ଏହି ଆକଳନ ବଢାଇବ ବୋଲି ଭଦ୍ରକ ଜିଲ୍ଲାପାଳ ବାଣିଜ୍ୟ ବିଭାଗର ସେକ୍ରେଟାରୀଙ୍କ ସହ କଥା ମଧ୍ୟ ହୋଇଥିଲେ। ଆଗାମୀ ଦିନରେ ସଂପୃକ୍ତ ଠିକାସଂସ୍ଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବା ଅଥବା ପୁନଶ୍ଚ ନିଜ ଇଚ୍ଛାରେ କାର୍ଯ୍ୟ କରିବ ତାହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।ଏହି ବସଷ୍ଟାଣ୍ଡ ନିର୍ମାଣ ହେଲେ କେବଳ ଭଦ୍ରକ ଜିଲ୍ଲାର ବାସିନ୍ଦା ନୁହନ୍ତ କେନ୍ଦ୍ରପଡା ଜିଲ୍ଲାବାସୀ ମଧ୍ୟ ଉପକୃତ ହେବେ ବୋଲି ଜଣାଯାଇଛି। ଏହି ବସଷ୍ଟାଣ୍ଡ ଉପରେ ସମସ୍ତ ପରିବହନ ବ୍ୟବସ୍ଥା ନିର୍ଭର କରୁଛି ଯାହା ଫଳରେ ଆଗାମୀ ଦିନରେ ଧାମରା, କାଳିନାଳୀ ଏବଂ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଠାରେ ହେବାକୁ ଥିବା ଏରୋଫାକ୍ସ ଜେଟି ନିର୍ମାଣ ମଧ୍ୟ ନିର୍ଭର କରୁଛି।

## ଆଦିବାସୀ ମହାବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): ବାଲିଗୁଡ଼ା ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପ୍ରତିଷ୍ଠାର ୪୪ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ଅଧକ୍ଷତା କରିଥିଲେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସୀ । ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜି ରାଘବେନ୍ଦ୍ର ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼ଃ ମଧୁସୂଦନ ମହାପାତ୍ର ବାଲିଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷ ନିଶାବତୀ ମଳିକ ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫ୍ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ପ୍ରତ୍ୟୁଷରଞ୍ଜନ ଶତପଥୀ ମହାବିଦ୍ୟାଳୟର ବିଗତ ଦିନର ସ୍ମୃତି ବଖାଣି ଥିଲେ। ସାଂସ୍କୃତିକ ସଂସଦର ଉପ ସଭାପତି ଡ଼ଃ ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧାପିକା ଅରୁନ୍ଧତୀ ପ୍ରଧାନ ପୁରସ୍କୃତ ପ୍ରତିଭାଙ୍କ ତାଲିକା ପଠନ କରିଥିଲେ। ଅଧାପକ ହିମାଂଶୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଇତ୍ୟବସରରେ ରକ୍ତଦାନ ଶିବିରେ ରକ୍ତଦାନ କରିଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରଶଂସା ପତ୍ର ଟ୍ରଫି ପ୍ରଦାନ କରିଥିଲେ।

# ଆଶ୍ରମ ବିଦ୍ୟାଳୟରେ ଚିକିତ୍ସା ଅବହେଳାରୁ ଛାତ୍ରର ମୃତ୍ୟୁ ଅଭିଯୋଗ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ପାଣ୍ଡ୍ରିପାଣି ପଂଚାୟତ ସ୍କୁଲ ଛାତ୍ରାବାସରେ କର୍ତ୍ତୁପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ବାପା-ମା'' ଛେଉଣ୍ଡ କୋମଳମୋତୀ ଶିଶୁର ଜୀବନ ଚାଲି ଯାଇଥିବା ବେଳେ ଆଜି ପୁଣି କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲା ତୁମସାପାଲି ପଞ୍ଚାୟତ ଅନ୍ତର୍ଗତ ଚିଡିପାଲି ଗାଁର ପ୍ରଦୀପ ମୁଚାକି କାଲଦାପାଲି ପଞ୍ଚାୟତ ଅନ୍ତର୍ଗତ କୋଲା ଗଣ୍ଡା ସ୍କୁଲରେ ଅଧ୍ୟାୟନ କରୁଥିଲେ ।ତେବେ ଗତ ୨୩ ତାରିଖ ଦିନ ତା ଦେହ ଖରାପ ହେବା ଯୋଗୁଁ ତାକୁ ପଡ଼ିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏହା ପରେ ୨୭ ତାରିଖ ଦିନ ଦେହ ଅଧିକ ଅସୁସ୍ଥ ହେବାରୁ ତାଂକୁ ତା ନିଜ ଘର ଚିଡିପାଲିରେ ହୋଷ୍ଟେଲ କର୍ତ୍ତୃପକ୍ଷ ଆଣି ଛାଡି ଦେଇଥିଲେ । ଏହାପରେ ପରିବାର ଲୋକେ ପ୍ରଦୀପକୁ ୨୮ ତାରିଖ ଦିନ ମାଲକାନଗିରି ମେଡିକାଲ ଆଣି ଚିକିତ୍ସା କରାଇବା ସମୟରେ ଚିକିତ୍ସ୍ୟାଳୟରେ ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।ତେବେ ଦୀର୍ଘ ଦିନ ଧରି ହଷ୍ଟେଲରେ ତାର ଚିକିତ୍ସା କରାନଯିବା କାରଣରୁ ତାର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପ୍ରଦୀପଙ୍କ ପରିବାର ଲୋକେ ।ଅନ୍ୟଦିଗରେ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲ ହଷ୍ଟେଲରେ ତା ଦେହ ଅସୁସ୍ଥ ଥିବା ସମୟରେ ତାକୁ ଚିକିତ୍ସା କରାଯାଇଥିଲା ଓ ସେ ସୁସ୍ଥ ଥିଲା କିନ୍ତୁ ୨୭ ତାରିଖ ଦିନ ଦେହ ଅସୁସ୍ଥ ହେବାରୁ ତାଙ୍କୁ ତାଙ୍କ ଘରେ ଛାଡିବା କଥା କହିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ।ତେବେ ବାରମ୍ବାର ଏଭଳି ଛାତ୍ରାବାସଗୁଡିକରେ ପିଲାମାନଙ୍କର ଚିକିତ୍ସା କରାନଯାଇ ରଖାଯିବା ଏବଂ ପରେ ଗୁରୁତର ହେଲେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ନିଜେ ଚୁପ ବସିବା ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଅକାଳରେ ଜୀବନ ଚାଲିଯାଉଥିବା କୁହାଯାଇଛି ।ତେଣୁ ବିଭାଗୀୟ ଅଧିକାରୀମାନେ ଏନେଇ ତଦନ୍ତ କରିବା ସହ ଅବହେଳା ପ୍ରଦର୍ଶନ କରୁଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

## ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଧାମରାରେ ନିଯୁକ୍ତି ଦାବି, ଏନଏସୟୁଆଇର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଭଦ୍ରକ,(ପି.ଏନ): ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି, ଭଦ୍ରକରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଓ ଜିଲ୍ଲାର ଏକମାତ୍ର ଧାମରା ବନ୍ଦରରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବିରେ ଏନଏସୟୁଆଇ(ଛାତ୍ର କଂଗ୍ରେସ) ପକ୍ଷରୁ ଏକ ସ୍ମାରକପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସେକ୍ ସାହିଲ କାଦ୍ରୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ର ଅନୁଯାୟୀ ଭଦ୍ରକ ମହାବିଦ୍ୟାଳୟ ହେଉଛି ରାଜ୍ୟର ଦ୍ୱିତୀୟ ସର୍ବ ପ୍ରାଚୀନ ମହାବିଦ୍ୟାଳୟ । ରାଜ୍ୟରେ ଅନ୍ୟ ବହୁ ଜିଲ୍ଲରେ ଥିବା କେତେକ ପୁରାତନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳି ସାରିଛି । କିନ୍ତୁ ଜିଲ୍ଲାର ଶାସକ ଦଳର ବିଧାୟକ ଓ ସାଂସଦଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ ଭଦ୍ରକ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇ ପାରି ନାହିଁ । ଏହି ମହାବିଦ୍ୟାଳୟରୁ ପାସ କରିଥିବା ହଜାର ହଜାର ଛାତ୍ରଛାତ୍ରୀ ଦେଶ ତଥା ଦେଶ ବାହାରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । କିନ୍ତୁ ସମସ୍ତ ଭିତ୍ତିଭୂମୀ ଥାଇ ମଧ୍ୟ ସରକାର ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇ ନାହାନ୍ତି । ତେଣୁ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ । ସେହିପରି ଭୌଗଳିକ ଦୃଷ୍ଟିକୋଣରୁ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ଭଦ୍ରକ ହେଉଛି ଉତ୍କୃଷ୍ଟ ସ୍ଥାନ । କାରଣ ଭଦ୍ରକ ଜିଲ୍ଲା ସମେତ ପଡୋଶୀ ଜିଲ୍ଲାର କେତେକ ଅଞ୍ଚଳର ପ୍ରାୟ ୨୫ଲକ୍ଷ ଜନସାଧାରଣ ନିର୍ଭରଶୀଳ । କିନ୍ତୁ ଭଦ୍ରକରେ ଥିବା ଜିଲ୍ଲା ସଦର ମହକୁମାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଏଠାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ କଂଗ୍ରେସ ଦିର୍ଘଦିନରୁ ଦାବି କରି ଆସିଛି । ଏପରିକି ଦଳ ପକ୍ଷରୁ ଏହି ଦାବିରେ ଦିଆଯାଇଥିବା ଭଦ୍ରକ ବନ୍ଦ ଡାକରାକୁ ଅଭୂତପୂର୍ବ ସମର୍ଥନ ମିଳିଛି । ଗତ ସାଧାରଣ ନିର୍ବାଚନ ସମୟରେ ଶାସକ ଦଳର ପ୍ରାର୍ଥୀମାନେ ମେଡିକାଲ କଲେଜ ସ୍ଥାପନ ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ନିର୍ବାଚନ ପରେ ସେମାନେ ଏହି ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି । ସେମାନେ ନିଜ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ବାସ୍ତବ ସମସ୍ୟା ଠାରୁ ଦୁରେଇ ଯାଇଛନ୍ତି । ତେଣୁ ତୁରନ୍ତ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଏନଏସୟୁଆଇ ଦାବି କରିଛି । ଅନୁରୂପ ଧାମରା ଠାରେ ବନ୍ଦର ପ୍ରତିଷ୍ଠା ସମୟରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଆନନ୍ଦପୁର ପୌରପାଳିକାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଆନନ୍ଦପୁର,(ପି.ଏନ):ଆଜି ଆନନ୍ଦପୁର ପୌରପାଳିକା ଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସ୍ୱାୟତ୍ତ ଶାସନ ଦିବସରେ ଆନନ୍ଦପୁରର ପ୍ରିୟ ବିଧାୟକ ଭାଗିରଥି ସେଠି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଧକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ, ଉପାଧକ୍ଷା ଦୁର୍ଗା ଚରଣ ଦଳେଇ, କାର୍ଯ୍ୟନିର୍ବାହୀ ଅଧକାରୀ ଲଳିତ କୁମାର ନାୟକଙ୍କ ଅଧକ୍ଷତାରେ ପୌରପାଳିକାରେ ବିଘ୍ନେଶ୍ୱର ଗଣନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯିବା ପରେ ପୌରପରିଷଦ କାର୍ଯ୍ୟାଳୟ ଠାରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି ସ୍ୱାୟତ୍ତ ଶାସନ ଦିବସରେ ପ୍ରବାଦ ପୁରୁଷ ବିଜୁବାବୁ, ଜାତିର ପିତା ମହାତ୍ମାଗାନ୍ଧୀ ଓ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆନନ୍ଦପୁର ବିଧାୟକଙ୍କ ଦ୍ୱାରା ସଫେଇ କର୍ମଚାରୀଙ୍କ ପୋଷାକ ବଣ୍ଟନ କରାଯାଇଥିବା ବେଳେ ଉପକାରାଗାରରେ ମିଷ୍ଟାନ୍ନ ବଣ୍ଟନ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଫଳ ବଣ୍ଟନ, ସରକାରଙ୍କ ମୁକ୍ତା ଯୋଜନା ମାଧ୍ୟମରେ ୭ନଂ ୱାର୍ଡର ମିନି ପାର୍କଏହଂ ୯ନଂ ୱାର୍ଡର ମିନି ପାର୍କକୁ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ୪ନଂ ୱାର୍ଡର ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ୮ନଂ ୱାର୍ଡର ୱାର୍କିଂଟ୍ରାକ୍ ଓ କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର କରିବା ସହ ଫକୀରପୁର ଠାରେ ସାଧାରଣ ପାଠାଗାରର ଭିତ୍ତିପ୍ରସ୍ତର ବିଧାୟକଙ୍କ ଦ୍ୱାରା କରାଯାଇଥିଲା । ଆଜି ସନ୍ଧ୍ୟା ୬ଘଟିକା ସମୟରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ମୁଖ୍ୟବକ୍ତା ଭାଗିରଥି ସେଠି, ସମ୍ମାନୀତ ଅତିଥି ଘାସିରାମ ମୁର୍ମୁ ପ୍ରକଳ୍ପ ନିର୍ଦ୍ଦେଶକ ଡ଼ୁଡା କେନ୍ଦୁଝର, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏବି ସ୍ୱାୟତ୍ତ ଶାସନ ଦିବସକୁ ସଫଳ କରିବା ପାଇଁ ସମସ୍ତ କାଉନ୍‌ସିଲର ଓ ପୌରପରିଷଦର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପଣ୍ଡା, ଚିତ୍ତ ରନ ସେଠି, ଆର୍ଯ୍ୟଶ୍ରୀ ଦେବବ୍ରତ ସାମଲ, ସେକ୍ ସହାବାଜ୍ ଆଲାମ, ସୁରେନ୍ଦ୍ର ମିଶ୍ର, ଧନୁର୍ଜୟ ଦାସଙ୍କ ସହ ପୌରପରିଷଦର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

## ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ପୂଜା ମଣ୍ଡପରେ ବିଘ୍ନ ବିନାଶକ ଗଣେଷଙ୍କ ମୂର୍ତ୍ତି ପୂଜା



ଆନନ୍ଦପୁର,(ପି.ଏନ): ଆଜି ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି ହୋଇଥିବା ବେଳେ ଦୀର୍ଘ ୨ ବର୍ଷ ପରେ ବିନା କୋଭିଡ୍ କଟକଣା ମଧ୍ୟରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ପୂଜା ମଣ୍ଡପରେ ବିଘ୍ନବିନାଶକ ପ୍ରଭୂ ଗଣେଷ ପୂଜା ପାଉଛନ୍ତି । ଆନନ୍ଦପୁର ଉପଖଣ୍ଡ ଓ ଆନନ୍ଦପୁର ସହରର ଜଗନ୍ନାଥ କ୍ଳବ, ତ୍ରିଶକ୍ତି କ୍ଳବ, ଫ୍ରେଣ୍ଡସ୍ କ୍ଳବ, ଫକୀରପୁର ଛକ ଓ ଶାଳପଡା ବାଇପାସ ଛକ ଠାରେ ଅଗ୍ରପୂଜ୍ୟଙ୍କ ଆରାଧନା ଲାଗି ଚଳଚଞ୍ଚଳ ସବୁ ପୂଜା ମଣ୍ଡପ ।

## ମହୁବିକ୍ରୀକୁ ନେଇ ହତ୍ୟା ମାମଲା : ଦୋଷୀ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଘସିପୁରା, (ପି.ଏନ): ଏକ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଶୋଷ ଥାନା ଅଧିନ ଦଲକି ଅଂଚଳର କିଛି ପରିବାର ମହୁ ବିକ୍ରୀକରି ଜୀବିକା ନିର୍ବାହ କରୁଥିବା ବେଳେ ଜିତୁ ଶବର ଓ ଆଜାଦ ଶବରଙ୍କ ପରିବାର ଛେନାପଦୀ ଆଶ୍ରମ ବିଦ୍ୟାଳୟ ନିକଟରେ ଡେରା ପକାଇ ରହୁଥିଲେ । ଗତ ୩-୧-୨୦୧୪ ରେ ଜିତୁ ଶବର ଓ ତାର କକା ଆଜାଦ୍ ଶବର ସିନେମା ଦେଖିବାକୁ ଆନନ୍ଦପୁର ଆସିଥିଲେ । ଆନନ୍ଦପୁରରେ ମହୁ ବିକିବାକୁ ଆସିଥିବା ନନ୍ଦିଆ ଶବର ଓ ଅର୍ଜୁନ ଶବରଙ୍କ ସହିତ ଦେଖା ହୋଇଥିଲା । ତା ପରେ ସେମାନେ ସମସ୍ତେ ମିଶି ମଦ ପିଇବାକୁ ଘଷିପୁରା ଯାଇଥିଲେ । ମହୁବିକ୍ରୀକୁ କେନ୍ଦ୍ରକରି ଆଜାଦ ଶବରର ନନ୍ଦିଆ ଶବର ଓ ଅର୍ଜୁନ ଶବର ସହିତ ଝମେଲା ହୋଇଥିଲା ।ସେହିଦିନ ସନ୍ଧ୍ୟାରେ ନନ୍ଦିଆ ଓ ଅର୍ଜୁନ ଦୁଇ ଭାଇ ମିଳିତ ଭାବେ ଘଷିପୁରା ସ୍ଥିତ ଡାକ୍ତରଖାନା ପଛପାର୍ଶ୍ୱ କଂଟାବୁଦା ଜଙ୍ଗଲ ମଧ୍ୟରେ ପୁତୁରା ଜିତୁ ଶବର ସମ୍ମୁଖରେ କକା ଆଜାଦ ଶବରର ବେକରେ ଗାମୁଛା ଭିଡି ମାରିଦେଇଥିଲେ ।ପରିବାର ବର୍ଗ ବହୁ ଖୋଜାଖୋଜି ପରେ ଜିତୁ କଥାଶୁଣି ସବୁଜାଣିବା ପରେ ଘଷିପୁରା ଥାନାରେ ଅଭିଯୋଗ ଦାୟର କରିଥିଲେ । ଘଷିପୁରା ପୋଲିସ କେସ୍ ନମ୍ବର ୦୧/୨୦୧୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ ।

## ମହାଦେଇଯୋଡା ଶିବ ମନ୍ଦିର ସାହିରେ ବିଘ୍ନରାଜ ଗଣେଷଙ୍କ ପୂଜା ଅନୁଷ୍ଠିତ

ମହାଦେଇଯୋଡା,(ପିଏନ):ମହାଦେଇଯୋଡା ଗ୍ରାମର ଶିବ ମନ୍ଦିର ସାହିରେ ବିଘ୍ନରାଜ ଗଣେଷଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହେଉଛି । ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ । ବିଗତ ଦୁଇବର୍ଷ କରୋନା କଟକଣା ପାଇଁ ପୂଜା ବନ୍ଦ ହୋଇଥିବା ବେଳେ ଚଳିତ ବର୍ଷ ପ୍ରଭୂ ଶ୍ରୀ ଗଣେଷଙ୍କ ପୂଜା ଅନୁଷ୍ଠିତ ହେଉଛି । ସେଥିପାଇଁ ସବୁ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇ ପଡିଛି । ଉକ୍ତ ପୂଜାରେ ପୂଜକ ନାରାୟଣ ପଣ୍ଡା ପୂଜା କାର୍ଯ୍ୟ କରିଥିବା ବେଳେ ସଂକଳ୍ପର ବସିଥିଲେ ବିଜୟ ସାହୁ । ପୂଜା ସରିବା ପରେ ସମସ୍ତ ଜନସାଧାରଣଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଉକ୍ତ ପୂଜାରେ ଚିକୁ, ସପନ, ଶିବୁ, ବଳିଆ, ଆଲୋକ, ପିକୁନ, ସୌମ୍ୟ, ପପୁ, ବିଶ୍ୱଜିତ, ବାପୁ, ଟୁକୁ, ପଦୁ,ଚିତ୍ତ ଓ ଟୁଲୁ ପ୍ରମୁଖ ସହଯୋଗ କରିଥିଲେ ।

## ଭାରସାମ୍ୟ ହରାଇ ରାସ୍ତା କଡ ଡିଭାଇଜରକୁ ଧକ୍କା ଦେଲା ବାଇକ, ଆରୋହୀ ମୃତ

ତୁରୁମୁଙ୍ଗା,(ପି.ଏନ):କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥର ଚେମେଣା ବଣସାହି ନିକଟରେ ବୁଧବାର ଅପରାହ୍ନରେ ଏକ ଟିଭିଏସ୍ ବାଇକ୍ ଭାରସାମ୍ୟ ହରାଇ ରାଜପଥ କଡରେ ଥିବା ଡିଭାଇଡରେ ପିଟି ହେବାରୁ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ବାଇକ୍ ଆରୋହୀ ଜଣକ ହେଲେ ସଦର ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ପୁଅ ସୟ ମହାନ୍ତ (୨୨) । ସୂଚନା ଅନୁସାରେ ସୟ ତୁରୁମୁଙ୍ଗା ପଟରୁ କେନ୍ଦୁଝରକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ୍ ପହଂଚି ଏନ୍.ଏଚ୍.ଆଇ. ଆମ୍ବୁଲାନ୍ସ ସହାୟତାରେ ମୃତଦେହକୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

## ଝୁଲନ୍ତା ଅବସ୍ଥାରେ ଯୁବକ, ଯୁବତୀଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ତରତରା ଛକ ନିକଟ ଆମ୍ବ ତୋଟାରେ ଝୁଲନ୍ତା ଅବସ୍ଥାରେ ଯୁବକ ଯୁବତୀର ମୃତଦେହ ଠାବ କରାଯାଇଛି । ସୂଚନା ଅନୁସାରେ ଉକ୍ତ ଯୁବକ ଏବଂ ଯୁବତୀ ଦୁଇଜଣ କିଛିଦିନ ତଳେ ପ୍ରେମ ବିବାହ କରିଥିଲେ । ସେମାନେ ତେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି କିମ୍ବା ସେମାନଙ୍କୁ ମାରି କିଏ ଟାଙ୍ଗି ଦେଇଛି ତାହା ଜଣାପଡିନଥିବା ବେଳେ ଘଟଣା ସ୍ଥଳରେ ଆନନ୍ଦପୁର ଥାନାଧିକାରୀ ମନୋରନ ପ୍ରଧାନଙ୍କ ସହିତ ପୋଲିସ୍ ଟିମ୍ ପହଂଚି ଥିଲେ । ମୃତ ଯୁବକ ଯୁବତୀଙ୍କ ଶବ ଝୁଲନ୍ତା ଅବସ୍ଥାରେ ପଚି ଦୁର୍ଗନ୍ଧ ହେଉଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ପୋଲିସ୍ ଉଭୟ ଶବକୁ ଉଦ୍ଧାର କରିପାରିନାହିଁ । ଘଟଣା ସ୍ଥଳରେ ପୋଲିସ୍ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଉଭୟ ଯୁବକ ଯୁବତୀଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ୍ ତଦନ୍ତ ଜାରି ରଖିଛି ଏବଂ ଆସନ୍ତା କାଲି ଶବ ବ୍ୟବଛେଦ ପାଇଁ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।





















Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray